୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK · ପର୍ଯ୍ୟବେକ୍ଷକ

Vol.26 . No.131 Bhubaneswar Friday June 28 2024 · ୨୬ତମ ବର୍ଷ · ସଂଖ୍ୟା–୧୩୧ ଭୁବନେଶ୍ୱର, ଶୁକ୍ରବାର, ଜୁନ ୨୮, ୨୦୨୪ · (୮ ପୃଷ୍ଠା) · ମୂଲ୍ୟ–୧.୫୦ · ₹50 · (Air Surcharge - 0.50P) · Member-INS

## ଦକ୍ଷତା ନା ଚାଟୁକାରିତା; କାହିଁକି ଗୋଟିଏ ଲେଖାଏଁ ବିଭାଗକୁ ବର୍ଷ ବର୍ଷ ଧରି ମାଡି ବସିଛନ୍ତି ଓଏଏସ୍ ଅଧିକାରୀ ?

ଭୁବନେଶ୍ୱର, ୨୭।୬(ପି.ଏନ): ଆଇଏଏସ୍ ଓ ଆଇପିଏସ୍ ଅଫିସରଙ୍କ ପରି ଲୋକସେବା ଭବନରେ ଓଏଏସ୍ ଅଫିସରଙ୍କ ରାଜ୍ ଚାଲିଛି। ଗାଦି ମାଡି ବସିଛନ୍ତି ଗଣ୍ଡା ଗଣ୍ଡା ଓଏଏସ ବାବୁ। କିଏ ୮ ବର୍ଷ ତ ଆଉ କିଏ ୧୦ ବର୍ଷରୁ ଅଧିକ ସମୟରେ ଗାଦି ମାଡି ବସିଛନ୍ତି। ଅନ୍ୟ ସ୍ଥାନକୁ ବଦଳି କଥା ଛାଡନ୍ତୁ ଲୋକସେବା ଭବନରେ ସେମାନଙ୍କ ବିଭାଗ ମଧ ବଦଳୁନି। ବିଜେଡି ଶାସନ ସମୟରେ ଖାଲି ଅଣଓଡିଆ ଆଇଏଏସ୍ ଅଧିକାରୀ ପାୱାରଫୁଲ୍ ନଥିଲେ କିଛି ଓଏଏସ ଅଫିସର ମଧ ଶାସକ ଦଳର ହାତବାରିସୀ ସାଜିଥିଲେ ବୋଲି ଚର୍ଚ୍ଚା ହେଉଛି। ସେହି ତାଲିକାରେ ଅଛନ୍ତି ରବି ସେଠୀ। ସିଏ ହେଉଛନ୍ତି ଯାଜପୁର ପୂର୍ବତନ ବିଜେଡି ସାଂସଦ ଶର୍ମିଷ୍ଠା ସେଠୀଙ୍କ ସ୍ୱାମୀ। ସେ ପ୍ରଥମେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଥିଲେ। ପରେ ଉପବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ ଥାଇ ନଭେମ୍ବର ୨୦୨୩ ମସିହାରେ




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟାଳୟର ଓଏସଡ଼ି ଭାବେ ବଦଳି ହୋଇଥିଲେ। ହେଲେ ୨୦୧୬ରେ ରବି ସେଠୀ ଅନୌପଚାରିକ ଭାବେ ନବୀନ ନିବାସ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାମ କରି ଆସୁଥିଲେ। ଏହାଛଡା ଦଳୀୟ ବ୍ୟାପାର କଥା ମଧ ବୁଝୁଥିବା ଅଭିଯୋଗ ରହିଛି।

## ଦ୍ରୁତଗତି ସମ୍ପନ୍ନ 'ଅଭ୍ୟାସ' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ବାଲେଶ୍ୱର, ୨୭।୬(ପି.ଏନ): ଚାନ୍ଦିପୁର ଆଇଟିଆର୍ ପରିସରରୁ ଗୁରୁବାର ଦ୍ରୁତଗାମୀ କ୍ଷେପଣାସ୍ତ୍ର 'ଅଭ୍ୟାସ'ର ସଫଳ ପରୀକ୍ଷଣ କରାଯାଇଛି। ଏକ ଚାଳକବିହୀନ ପ୍ରତିରୂପ କ୍ଷେପଣାସ୍ତ୍ର ପ୍ରଥମେ ଆକାଶ ମାର୍ଗକୁ ନିକ୍ଷେପ କରାଯିବା ପରେ ତାକୁ ଲକ୍ଷ୍ୟଭେଦ କରିଥିଲା ଏହି କ୍ଷେପଣାସ୍ତ୍ର। ଆଜିର ପରୀକ୍ଷା ଥିଲା 'ଅଭ୍ୟାସ'ର ଦଶମ ପରୀକ୍ଷଣ। ପ୍ରତିରକ୍ଷା ଗବେଷଣା ବିକାଶ ସଂସ୍ଥା (ଡିଆରଡିଓ) ପକ୍ଷରୁ ସ୍ୱଦେଶୀ ଜ୍ଞାନ କୌଶଳରେ ବିକଶିତ ହୋଇଥିବା 'ଅଭ୍ୟାସ' ଏକ ଲକ୍ଷ୍ୟଭେଦୀ କ୍ଷେପଣାସ୍ତ୍ର। ଯାହା ରାଡାର ଓ ଇଲେକ୍ଟ୍ରୋ ଅପ୍ଟିକ ସିଷ୍ଟମ୍ ଭଳି ସ୍ୱୟଂଚାଳିତ ବ୍ୟବସ୍ଥା ଦ୍ୱାରା ପରିଚାଳିତ। ଏଥିରେ ଗ୍ୟାସ୍ ଟର୍ବାଇନ୍ ? ଇଞ୍ଜିନ, ଏମ୍ଇଏମ୍ଏସ୍ ନାଭିଗେସନ୍ ସିଷ୍ଟମ୍ ପ୍ରଭୃତି ଅତ୍ୟାଧୁନିକ ପ୍ରଯୁକ୍ତି ବ୍ୟବସ୍ଥା ରହିଛି।



ବେଙ୍ଗାଲୁରୁସ୍ଥିତ ଡିଆରଡିଓର ଏରୋନଟିକାଲ୍ ଡେଭେଲପମେଣ୍ଟ ଏଷ୍ଟାବ୍ଲିସ୍‌ମେଣ୍ଟ ଦ୍ୱାରା ଏହାର ଡିଜାଇନ୍ କରାଯାଇଥିବା ବେଳେ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ଏଚ୍ଏଏଲ) ଓ ଲାରସେନ୍ ଏବଂ ଟର୍ବୋ ଏହାକୁ ପ୍ରସ୍ତୁତ କରିଛନ୍ତି। 'ଅଭ୍ୟାସ'ର ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ପ୍ରତିରକ୍ଷା ସଚିବ ତଥା ଡିଆରଡିଓର ଚେୟାରମେନ୍ ଡ.ସମୀର.ଭି.କାମାତ୍ ଡିଆରଡିଓର ସମସ୍ତ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସନ୍ଦେହରେ ପୁଲିସ ଡିଜିଙ୍କ ଭୂମିକା: ସାଜିଛନ୍ତି ଆଶିଷ ସିଂଙ୍କ ସୁରକ୍ଷାଦାତା, ଗୃହ ବିଭାଗ ମାଗିଲା ରିପୋର୍ଟ

ଭୁବନେଶ୍ୱର, ୨୭।୬(ପିଏନ):ସନ୍ଦେହରେ ପୁଲିସ ଡିଜି ଅରୁଣ ଷଡଙ୍ଗୀଙ୍କ ଭୂମିକା। ଏପର୍ଯ୍ୟନ୍ତ ବିଜେଡି ପ୍ରେମରୁ ମୁକୁଳି ପାରୁନାହାନ୍ତି। ଯେଉଁଥିପାଇଁ ବିଜେଡିର ଭଡାଟିଆ ଗୁଣ୍ଡା ସାଜି ରାଜନୀତିକ ବ୍ୟକ୍ତିମାନଙ୍କୁ ଧମକଚମକ ଦେଉଥିବାର ଅଭିଯୋଗ ଥିବା ଆଇପିଏସ ଅଫିସର ଆଶୀଷ କୁମାର ସିଂଙ୍କ ସୁରକ୍ଷାଦାତା ସାଜିଛନ୍ତି ନିଜେ ପୁଲିସ ଡିଜି ଶ୍ରୀ ଷଡଙ୍ଗୀ। ଆଜି ଗୃହ ବିଭାଗ ଚିଠି ଲେଖି ଆଇପିଏସ୍ ଆଶିଷ ସିଂଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ମାଗିବା ପରେ ପୁଲିସ ଡିଜିଙ୍କ ଅସଲ ଚେହେରା ପଦାରେ ପଡିଛି। ଗତକାଲି ପୁଲିସ ଡିଜିଙ୍କ ଦ୍ୱାରା ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା ବୈଠକରେ ଆଶିଷ ସିଂ ଉପସ୍ଥିତ ରହିବା ଓ ଆଜି ଗୃହ ବିଭାଗ ତାଙ୍କ ସମ୍ପର୍କରେ ରିପୋର୍ଟ ମାଗିବା ହିଁ ପୁଲିସ ଡିଜିଙ୍କ ଭୂମିକାକୁ ସନ୍ଦେହଘେରକୁ ଟାଣି ଆଣିଛି। ସାଧାରଣ ନିର୍ବାଚନବେଳେ ସ୍ୱାସ୍ଥ୍ୟ ଖରାପର ମିଛ ବାହାନା କରି ବିଜେଡି ପାଇଁ କାମ କରିଥିବାର ତଥ୍ୟପ୍ରମାଣ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିର୍ବାଚନ କମିଶନ ଜୁନ୍ ୬ ତାରିଖରେ ନିର୍ଦ୍ଦେଶ ଦେଇଥିଲେ ମଧ ପୁଲିସ ଡିଜି ଶ୍ରୀ ଷଡଙ୍ଗୀ ତାଙ୍କର ସୁରକ୍ଷାଦାତା ସାଜିଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ସମ୍ଭବପର ହେଉନଥିବା ସାଧାରଣରେ ଚର୍ଚ୍ଚା। ସୂଚନା ଅନୁସାରେ, ଗୃହ ବିଭାଗର ଅତିରିକ୍ତ ସଚିବ ମୁରଲୀଧର ମଲ୍ଲିକ ଆଜି ରାଜ୍ୟ ପୁଲିସ ଡିଜି ଶ୍ରୀ ଷଡଙ୍ଗୀଙ୍କୁ ଚିଠି ଲେଖି ଆଇପିଏସ୍ ଆଶିଷ କୁମାର ସିଂଙ୍କ ଛୁଟି ସଂକ୍ରାନ୍ତରେ ରିପୋର୍ଟ ଦେବାକୁ କହିଛନ୍ତି। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଆଇପିଏସ୍ ଶ୍ରୀ ସିଂ ମେ' ୪ତାରିଖରେ ଏକମାସ ଛୁଟି(ଇଏଲ) ନେଇଥିଲେ। ଏହି ଛୁଟି ଆବେଦନକୁ ଗୃହ ବିଭାଗ ପିଛିଲା ଭାବେ ଅର୍ଥାତ୍ ମେ' ୧୦ତାରିଖରେ ଅନୁମୋଦନ କରିଥିଲା। ତେବେ ଇତିମଧ୍ୟରେ ଏକମାସ ବିତିଯାଇଥିଲେ ମଧ ଶ୍ରୀ ସିଂ କାର୍ଯ୍ୟରେ ଯୋଗଦେଲେଣି ନା ନିଜର ଛୁଟି ଅବଧି ବୃଦ୍ଧି କରିଛନ୍ତି ତା'ର କୌଣସି ସୂଚନା ଗୃହ ବିଭାଗ ପାଖରେ ନାହିଁ। ତେଣୁ ଏ ସଂକ୍ରାନ୍ତରେ ବିସ୍ତୃତ ତଥ୍ୟ ଖୁବଶୀଘ୍ର ବିଭାଗକୁ ଦେବା ପାଇଁ ଶ୍ରୀ ମଲ୍ଲିକ ଆଜି ରାଜ୍ୟ ପୁଲିସ ଡିଜିଙ୍କୁ ଅନୁରୋଧ କରିଛନ୍ତି।

## ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବଦଳି ପାରେ ବ୍ୟବସ୍ଥା

ଭୁବନେଶ୍ୱର, ୨୭।୬(ପି.ଏନ): ୮ ଶହ ବର୍ଷ ତଳର ଶ୍ରୀମନ୍ଦିର। ଏବେ ମଧ ସେହି ସମାନ ସ୍ଥାନ, ସେହି ସମାନ ବ୍ୟବସ୍ଥା। ହେଲେ ଏପଟେ ଦିନକୁ ଦିନ ବଢ଼ୁଛି ଭକ୍ତଙ୍କ ସଂଖ୍ୟା। ଏପରିସ୍ଥଳେ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଟିଏ କେମିତି କରିବ ଅନାୟସରେ ଦର୍ଶନ? ଏ ସମ୍ପର୍କରେ ଓଟିଭିକୁ ସାକ୍ଷାତକାର ଦେଇ ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବ ପୂର୍ବରୁ ସ୍ଥିରିକୃତ କିଛି ନୂଆ ପ୍ରସ୍ତାବ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ଗଜପତି କହିଛନ୍ତି, ଶ୍ରୀମନ୍ଦିରରେ ଆଗକୁ ଲାଗୁ ହୋଇପାରେ ସ୍ଲଟ୍ ଅନୁସାରେ ଦର୍ଶନ ବ୍ୟବସ୍ଥା। ମୋବାଇଲ ଆପ୍ଲିକେସନରେ ଭକ୍ତ ଆଗୁଆ ସ୍ଲଟ୍ ବୁକ୍ କରି ଦର୍ଶନ ଲାଗି ସମୟ ଧାର୍ଯ୍ୟ କରିବ। ଠିକ ସମୟରେ ଅଭ୍ୟର୍ଥନା



ଗୃହରେ ହାଜର ହୋଇ ପରେ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବ ଶ୍ରଦ୍ଧାଳୁ। ଏମିତି ହେଲେ ଶ୍ରୀମନ୍ଦିର ଭିତରେ ଓ ବାହାରେ ଅନାବଶ୍ୟକ ଭିଡକୁ ନିୟନ୍ତ୍ରଣ ଯାଇପାରିବ ବୋଲି ଗଜପତି କହିଛନ୍ତି।

## ଚର୍ଚ୍ଚାରେ ସାଂସଦ ସୁଜିତ୍ କୁମାରଙ୍କ ଟ୍ୱିଟ୍ : ପୁରୁଣା ରାଗ ଶୁଝାଇଲେ କି ?

ଭୁବନେଶ୍ୱର, ୨୭।୬(ପି.ଏନ): ବିଜେଡି ରାଜ୍ୟସଭା ସାଂସଦ ସୁଜିତ୍ କୁମାର ଆଜି ନିଜର ଭେରିଫାଏଡ୍ ସୋସିଆଲ ମିଡିଆ ଆକାଉଣ୍ଟରୁ କରିଥିବା ଗୋଟିଏ ପୋଷ୍ଟକୁ ନେଇ ଚର୍ଚ୍ଚାରେ। ତେବେ ସାଂସଦଙ୍କ ଟିପ୍ପଣୀ ବାସ୍ତବରେ କାହା ଉଦ୍ଦେଶ୍ୟରେ ତାହା ଜଣାପଡିନଥିଲେ ମଧ ନିଜର ପୁରୁଣା ରାଗ ଶୁଝାଇବାକୁ ସେ ସୋସିଆଲ ମିଡିଆ ପ୍ଲାଟଫର୍ମକୁ ଉପଯୋଗ କରିଥିବା ଜଣାପଡିଛି। ସୂଚନା ଅନୁସାରେ, ବିଜେଡି ରାଜ୍ୟସଭା ସାଂସଦ ସୁଜିତ୍ କୁମାର ଆଜି ନିଜର ଭେରିଫାଏଡ୍ 'ଫେସବୁକ' ଓ 'ଏକ୍ସ' ଆକାଉଣ୍ଟରେ ଏକ ପୋଷ୍ଟ କରିଛନ୍ତି। ଯେଉଁଥିରେ ସେ "ପ୍ରଭୁ ଜଗନ୍ନାଥ ସବୁ ସହିବେ କାହାର ଗର୍ବ ଅହଙ୍କାର ସହନ୍ତି ନାହିଁ" ବୋଲି ଉଲ୍ଲେଖ କରିଛନ୍ତି।




ସାଂସଦଙ୍କ ଏହି ପୋଷ୍ଟକୁ ନେଇ ସୋସିଆଲ ମିଡିଆରେ ଲୋକମାନେ ନାନାଦି ପ୍ରତିକ୍ରିୟା ରଖିବାରେ ଲାଗିଛନ୍ତି। ଏହି ଗର୍ବ ଅହଙ୍କାର ହିଁ ବିଜେଡିକୁ ନିର୍ବାଚନରେ ବିପର୍ଯ୍ୟୟର ସମ୍ମୁଖୀନ କରାଇଲା ବୋଲି କିଛି ମତ ଦେଇଥିବାବେଳେ ଆଉ କିଛି ଭିକେ ପାଣ୍ଡିଆନଙ୍କ ଉଦ୍ଦେଶ୍ୟରେ ଏଭଳି ପୋଷ୍ଟ ହୋଇଥିବା ଲେଖିଛନ୍ତି। ମାତ୍ର ବିଜେଡି ସୂତ୍ର ଅନୁସାରେ ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ ଦାସ ଓରଫ ବବି ଓ ଆଇପିଏସ୍ ଡିଏସ କୁଟେଙ୍କୁ ଦୃଷ୍ଟିରେ ରଖି ସୁଜିତ୍ କୁମାର ଏଭଳି ପୋଷ୍ଟ କରିଥିବାର ସମ୍ଭାବନା ଅଧିକ।

## ଜୁଲାଇ ୯ରେ ଛାତ୍ରଛାତ୍ରୀଙ୍କୁ ଦିଆଯିବ ମାଟ୍ରିକ ପ୍ରମାଣପତ୍ର, ଜାଣନ୍ତୁ କେତେ ତାରିଖ ପର୍ଯ୍ୟନ୍ତ କରିପାରିବେ ସଂଶୋଧନ ?



କଟକ, ୨୭।୬(ପି.ଏନ) : ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆସନ୍ତା ଜୁଲାଇ ୨ ଏବଂ ୩ ତାରିଖରେ ଦଶମ ଶ୍ରେଣୀ ମାଟ୍ରିକ ପ୍ରମାଣପତ୍ର ପ୍ରଦାନ କରାଯିବ। ଏଥିପାଇଁ ସବୁ ଜିଲାର ସଦର ମହକୁମାରେ ବିତରଣ କେନ୍ଦ୍ର ଖୋଲାଯାଇଛି। ବିଦ୍ୟାଳୟର ମୁଖ୍ୟ ତଥା ପ୍ରଧାନ ଶିକ୍ଷକମାନେ ଆବଶ୍ୟକ ତଥ୍ୟ ଦେଇ କୃତୀ ବିଦ୍ୟାର୍ଥୀଙ୍କ ପ୍ରମାଣପତ୍ର ନେଇପାରିବେ। ରାଜ୍ୟର ପ୍ରତି ସ୍କୁଲରେ ଆସନ୍ତା ଜୁଲାଇ ୯ ତାରିଖ ଦିନ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ପ୍ରମାଣପତ୍ର ଦିଆଯିବ। ଯଦି ଏହି ପ୍ରମାଣପତ୍ରରେ କୌଣସି ତ୍ରୁଟି ଥିବ, ତାହାକୁ ବୋର୍ଡର କଟକସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଂଶୋଧନ କରାଯାଇପାରିବ। ଏଥି ନିମନ୍ତେ ବୋର୍ଡ ପକ୍ଷରୁ ୧୦ ଦିନ ଅବଧି ଦିଆଯାଇଛି। ଜୁଲାଇ ୧୨ ରୁ ୨୨ ତାରିଖ ପର୍ଯ୍ୟନ୍ତ ଏହି ସଂଶୋଧନ ପ୍ରକ୍ରିୟା ହେବାକୁ ଥିବାବେଳେ ମୁଖ୍ୟ କାର୍ଯ୍ୟାଳୟରେ ପ୍ରମାଣପତ୍ର ମୁଦ୍ରଣ ପାଇଁ ନିର୍ଦ୍ଧାରିତ ଦେୟ ଦେଇ ସଂଶୋଧନ କରିପାରିବେ। ପ୍ରମାଣପତ୍ର ବଣ୍ଟନ ପ୍ରକ୍ରିୟାକୁ ତଦାରଖ କରିବା ନିମନ୍ତେ ସମସ୍ତ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ କୁହାଯାଇଛି। ଯଦି କୌଣସି ବିବାଦ ବା ଅସୁବିଧା ସୃଷ୍ଟି ହୁଏ ତୁରନ୍ତ ପଦକ୍ଷେପ ନେବାକୁ ୩୦ ଜିଲାର ଡିଇଓଙ୍କୁ ପରାମର୍ଶ ଦିଆଯାଇଛି। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ, ମଧ୍ୟମା ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରମାଣପତ୍ର ପରୀକ୍ଷା(ପ୍ରଥମ)ରେ କୃତୀ ଦଶମ ଶ୍ରେଣୀ ଛାତ୍ରୀଙ୍କ ପ୍ରମାଣପତ୍ର ବିତରଣ ନିମନ୍ତେ ୩୦ଟି କେନ୍ଦ୍ର ବୋର୍ଡ ଦ୍ୱାରା କରାଯାଇଛି। ମଧ୍ୟରୁ କଟକ ଜିଲା ପାଇଁ ବୋର୍ଡର ମୁଖ୍ୟ କାର୍ଯ୍ୟାଳୟରେ ପ୍ରମାଣପତ୍ର ପ୍ରଦାନ କରାଯିବ। ଅନଗୁଳ, ରାୟଗଡା, ନବରଙ୍ଗପୁର, ଝାରସୁଗୁଡା, ବୌଦ୍ଧ ଏବଂ କନ୍ଧମାଳରେ ଡିଇଓଙ୍କ କାର୍ଯ୍ୟାଳୟରେ ଏଥିପାଇଁ ବ୍ୟବସ୍ଥା ହୋଇଛି। ଜଗତସିଂହପୁରରେ ଏସ.କେ ଏକାଡେମୀ, କେନ୍ଦ୍ରାପଡ଼ା ଜିଲା ପାଇଁ ଦୁହୁରିଆସ୍ଥିତ ରତ୍ନାକର ଉଚ୍ଚ ବିଦ୍ୟାଳୟ, ଯାଜପୁରରେ ଜିଲା ହାଇସ୍କୁଲ, ଢେଙ୍କାନାଳରେ ବି.ବି ଉଚ୍ଚ ବିଦ୍ୟାଳୟ, ପୁରୀରେ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ଖୋର୍ଦ୍ଧାରେ ଭୁବନେଶ୍ୱରସ୍ଥିତ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ, ନୟାଗଡରେ ବ୍ରଜେନ୍ଦ୍ର ହାଇସ୍କୁଲ, ବାଲେଶ୍ୱରରେ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ, ଭଦ୍ରକରେ ଜିଲା ହାଇସ୍କୁଲ, କେନ୍ଦୁଝରରେ ଏନ.ଏସ ପୁଲିସ ଉଚ୍ଚ ବିଦ୍ୟାଳୟ, ମୟୂରଭଞ୍ଜରେ ଏମ.କେ.ସି ଉଚ୍ଚ ବିଦ୍ୟାଳୟ, ଗଜପତିରେ ପାରଳାଖେମୁଣ୍ଡିସ୍ଥିତ ପୁରୁଣା ଡିସିପି କାର୍ଯ୍ୟାଳୟ, ଗଞ୍ଜାମ ପାଇଁ ବ୍ରହ୍ମପୁର ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ, କଳାହାଣ୍ଡି ପାଇଁ ଭବାନୀପାଟଣାସ୍ଥିତ ବି.ଏମ ହାଇସ୍କୁଲ, ନୂଆପଡାରେ ନ୍ୟାସନାଲ ହାଇସ୍କୁଲ, ବରଗଡରେ ଜର୍ଜ ଉଚ୍ଚ ବିଦ୍ୟାପୀଠ, ସମ୍ବଲପୁରରେ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ, ଦେବଗଡରେ ଆରବିଡି ହାଇସ୍କୁଲ, ବଲାଙ୍ଗିର ପାଇଁ ପି.ଆର ହାଇସ୍କୁଲ, ସୁବର୍ଣ୍ଣପୁର ପାଇଁ ସୋନପୁରସ୍ଥିତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ସୁନ୍ଦରଗଡରେ ବିଏସ ହାଇସ୍କୁଲ ଏବଂ କୋରାପୁଟ ଜିଲା ନିମନ୍ତେ ଜୟପୁରସ୍ଥିତ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟରେ ମାଟ୍ରିକ ପ୍ରମାଣପତ୍ର ବଣ୍ଟନ କରାଯିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

## ୫ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ; କାଲି ଟ୍ୱିନ୍ ସିଟିରେ ଛେଚିବ !



ଭୁବନେଶ୍ୱର, ୨୭।୬(ପି.ଏନ): ରାଜ୍ୟରେ ଜାରି ରହିଛି ବର୍ଷା। ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବର୍ଷା ଲାଗି ରହିଛି। ଆସନ୍ତା ୫ ଦିନ ଯାଏଁ ରାଜ୍ୟରେ ବର୍ଷା ସହ ବିଭିନ୍ନ ସ୍ଥାନରେ ବିଜୁଳି ଓ ଘଡଘଡି ହେବାର ସମ୍ଭାବନା ରହିଛି। ବିଶେଷ କରି ଆସନ୍ତାକାଲି କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତିଙ୍କ କହିବା ଅନୁସାରେ ଆଗାମୀ ୨୪ ଘଣ୍ଟା ଭିତରେ ସମଗ୍ର ରାଜ୍ୟରେ ବର୍ଷା ଲାଗି ରହିବ। ଏଥିସହ ବଜ୍ରପାତ ଓ ଘଡଘଡି ମଧ ହେବ। ତେବେ ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ଅନୁଗୋଳ, ଢେଙ୍କାନାଳ, ନୟାଗଡ, ଗଜପତି, ରାୟଗଡା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବ। ଏଥିସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିବ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ରାତାରାତି ନେଲେ ଆକ୍ସନ, କୋଟିପତି ମାଫିଆଙ୍କ ହଜିଲା ନିଦ, ରାତିରେ ଆସି ମୋରମକୁ ନିଲାମ କଲା ପ୍ରଶାସନ

ବାଲେଶ୍ୱର, ୨୭।୬(ପି.ଏନ): କୋଟିପତି ମାଫିଆଙ୍କ ଉପରେ ଆକ୍ସନ । ରାତା ରାତି ହେଉଥିଲା ଚୋରି, ସାଧା ପୋଷାକରେ ଆସି କଲେ ସାବାଡ । ମୋହନ ସରକାର ହଜାଇଦେଲେ ନିଦ । ରାତିରେ ଆସିଲେ ସରକାରୀ କର୍ମଚାରୀ କଲେ ନିଲାମ । ଯାହା କହିଥିଲେ ମୋହନ ସରକାର ଏବେ ନେଉଛନ୍ତି ଆକ୍ସନ । ଖଣି ମାଫିଆଙ୍କ ଠାରୁ ଆରମ୍ଭ କରି ମୋରମ ମାଫିଆଙ୍କ ଉପରେ ମୁଖ୍ୟମନ୍ତ୍ରୀଙ୍କ ରହିଛି ନଜର । ରାତା ରାତି ନେଲେ ଆକ୍ସନ । ନୂଆ ସରକାର ମାଫିଆ ମାନଙ୍କ ନିଦ ଅଜାଇ ଦେଇଛନ୍ତି । ବେଧଡକ ଭାବ ଗାଁରେ ଚାଲିଥିଲା ମୋରମ ଚୋରି ।ଗ୍ରାମବାସୀଙ୍କ ବିରୋଧ ପରେ ପ୍ରଶାସନ ଏବେ ପୁରା ଆକ୍ସନ ମୋଡରେ । ଏ ଖବର ଶୁଣି ରାତାରାତି ଗାଁରେ ପହଞ୍ଚିଲେ ପ୍ରଶାସନିକ ଅଧିକାରୀ । ଗାଁରେ ଏତେ ପରିମାଣ ମୋରମ ଦେଖି ରାଗିଗଲେ ପ୍ରଶାସନ । ରାତିରେ ଆସିଲେ ଆଉ ସକାଳୁ ସକାଳୁ କରିଲେ ନିଲାମ । ସେ ପୁଣି ୪୭ ହଜାର ୨ ଶହ ଟଙ୍କାରେ । ଚୋରା ମୋରମ ଧରିଲେ କିନ୍ତୁ ଛାନିଆରେ ପ୍ରଶାସନ ଅଧିକାରୀଙ୍କୁ ଦେଖି ଗୈଡିଲେ ମୋରମ ମାଫିଆଙ୍କୁ । ବାଲେଶ୍ୱର ଜିଲ୍ଲାରେ ବଢ଼ୁଛି ବାଲି, ମାଟି, ପଥର ଓ ମୋରମର ବେଆଇନ ଚୋରା ଚାଲାଣ । ସକ୍ରିୟ ହେଉଛି ମୋରମ ମାଫିଆମାନେ ।

## ଆସନ୍ତାକାଲି ସଂସଦରେ ଉଠିବ ନିଟ୍ ପ୍ରସଙ୍ଗ, ସରକାର କହିଲେ- ଆମେ ପ୍ରସ୍ତୁତ

ଭୁବନେଶ୍ୱର, ୨୭।୬(ପି.ଏନ): ମେଡିକାଲି ପ୍ରବେଶିକା ପରୀକ୍ଷା ନିଟ୍‌କୁ ନେଇ ସାରା ଦେଶରେ ଛାତ୍ର ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ସରକାର ଏହାକୁ ନେଇ ବ୍ୟାକଫୁଟରେ ଥିବା ବେଳେ ବିରୋଧୀ ଏହାକୁ ମୁଖ୍ୟ ପ୍ରସଙ୍ଗ କରିବାକୁ ଯାଉଛନ୍ତି। ଆସନ୍ତାକାଲି ସଂସଦରେ ବିରୋଧୀ ଏହି ପ୍ରସଙ୍ଗ ଉଠାଇବେ ବୋଲି କହିଛନ୍ତି। ଆସନ୍ତକାଲି ରାଷ୍ଟ୍ରପତିଙ୍କ ଉଦବୋଧନ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବାର ଅଛି। କିନ୍ତୁ ବିରୋଧୀ ନିଟ୍ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିବାକୁ ଲକ୍ଷ୍ୟ ରଖିଛନ୍ତି। ତେବେ ବିତର୍କ ବେଳେ ବିରୋଧୀ ଉଠାଇବାକୁ ଥିବା ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ସରକାର ପ୍ରସ୍ତୁତ ହୋଇ ରହିଥିବା ମଧ କହିଛନ୍ତି।










# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ । କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି । ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ । ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍ । ‘ବିବି ହୋ ଐସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି । ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର । ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ । କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍ । ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି । ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍ । ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା ।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି ।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’



ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାତା । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା । ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଳ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୁମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା



ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ । ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି । ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି । ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ । ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ ଏଠାରେ ପୋଷା ଯାଇସାରିଲାଣି । ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ । ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ । ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି । ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି । ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି । ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ । ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି । ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି ।

## ଫଟୋସପ୍‌ର କମାଲ୍

ଥିଓଡର । ତା’ବୟସ ମାତ୍ର ୧୦ ମାସ । ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ । କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ । ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ । ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍ । ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ । ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ । ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି ।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ “ଦି ଇଣ୍ଟରଭ୍ୟୁ ଟାଇମ୍ସ” ପରିବାର ତରଫରୁ ସମ୍ମାନଜନକ “ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି” ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସ୍ୱତନ୍ତ୍ର ସଂଖ୍ୟା “ଭିଜନ୍ ଅଫ୍ ଓଡ଼ିଶା-୨୦୧୯” ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ । ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି । ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି । ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ । ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ । ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୂଚନା ଦେଇଥାଏ । ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?




ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ । ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ । ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ । ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ । ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ । ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ । ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି । ଠିକ୍ ସେହିଭଳି ଏହା ନିଶ୍ୱାସ ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ । ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ । ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।




# ଗଣମାଧ୍ୟମ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ

ଆଜି ହେଉଛି ଜାତୀୟ ପ୍ରେସ୍ ଦିବସ। ଜାତୀୟ ପ୍ରେସ୍ ବା ଗଣମାଧ୍ୟମ ପାଇଁ ଏକ ସ୍ମରଣୀୟ ଦିନ। ୧୯୬୬ ମସିହା ଜୁଲାଇ ୪ ତାରିଖରେ ପ୍ରଥମ ଭାରତୀୟ ପ୍ରେସ୍ କମିଶନ ଗଠନ କରାଯାଇଥିଲା ଓ ସେହିବର୍ଷ ନଭେମ୍ବର ୧୬ ତାରିଖରେ ଏହା ବିଧିବଦ୍ଧ ଭାବେ କାର୍ଯ୍ୟକାରୀ ହୋଇଥିଲା। ଉଦ୍ଦେଶ୍ୟ ଥିଲା ଗଣତନ୍ତ୍ରର ସଜାଗ ପ୍ରହରୀଭାବେ କାର୍ଯ୍ୟକରିବା ସହ କୌଣସି ବାହ୍ୟ ପ୍ରବାହରେ ପ୍ରଭାବିତ ନ ହୋଇ ଗଣମାଧ୍ୟମ ନିଜର ଉତ୍ତରଦାୟିତ୍ୱକୁ ନିର୍ବାହ କରିବା ସହ ବ୍ୟକ୍ତିର ବାକ୍ ସ୍ୱାଧୀନତାକୁ ସୁରକ୍ଷା ଦେବା। ଯଦିଓ ସାରା ବିଶ୍ୱରେ ଅନେକ ପ୍ରେସ୍ କାଉନସିଲ ରହିଛି ତଥାପି ଭାରତୀୟ ପ୍ରେସ୍ କାଉନସିଲ ତା'ର ସ୍ୱତନ୍ତ୍ର ସ୍ଥାନ ରଖିବାରେ ସମର୍ଥ ହୋଇଅଛି। ତେଣୁ ଜାତୀୟ ପ୍ରେସ୍ ଦିବସ ଅନେକ ଦୃଷ୍ଟିରୁ ଗୁରୁତ୍ୱ ରଖେ। ସେଥିପାଇଁ ପ୍ରତିବର୍ଷ ବିଭିନ୍ନ ଆଲୋଚନାଚକ୍ର କରାଯାଇ ଗଣମାଧ୍ୟମର ସ୍ୱାଧୀନତା ଓ ନିରପେକ୍ଷତା ଉପରେ ସଚେତନତା ସୃଷ୍ଟି କରାଯାଉଅଛି।

ଗଣତନ୍ତ୍ର ଶାସନର ସଫଳତା ଚାରୋଟି ସ୍ତମ୍ଭ ଉପରେ ନିର୍ଭର କରେ । ସେମାନେ ହେଲେ-ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ଗଣମାଧ୍ୟମ । ପ୍ରଥମ ସ୍ତମ୍ଭଟି ରାଷ୍ଟ୍ର ପାଇଁ ନୀତି ନିର୍ଦ୍ଧାରଣ କରିବେ, ଦ୍ୱିତୀୟ ସ୍ତମ୍ଭ ନୀତିକୁ କାର୍ଯ୍ୟକାରୀ କରିବେ, ତୃତୀୟ ସ୍ତମ୍ଭଟି ନ୍ୟାୟ ବ୍ୟବସ୍ଥା ପାଇଁ ଦାୟୀ ରହିବେ ଓ ଚତୁର୍ଥ ସ୍ତମ୍ଭ ସତର୍କ ପ୍ରହରୀ ଭାବେ କାର୍ଯ୍ୟ କରିବେ। ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ଉତ୍ତରଦାୟିତ୍ୱ ସବୁଠାରୁ ବେଶୀ। ଏକବିଂଶତମ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଯଥେଷ୍ଟ ଗୁରୁତ୍ୱ ରହିଛି । ଇଣ୍ଟରନେଟ୍ ଓ ବୈଦ୍ୟୁତିକ ଗଣମାଧ୍ୟମର ବହୁଳ ପ୍ରସାର-ପ୍ରଚାର



ଗଣତନ୍ତ୍ରର ସୁରକ୍ଷାକୁ ଆହୁରି ଶକ୍ତ ଓ ଦୃଢ କରିପାରିଛି । ଏସବୁ ସତ୍ତ୍ୱେ ପ୍ରିଣ୍ଟିଂ ମିଡିଆ ତାର ସ୍ଥାନ ବଜାୟ ରଖିଛି । ବର୍ତ୍ତମାନ ସମୟରେ ଲୋକଙ୍କ ପାଖରେ ଆଉ କୌଣସି କଥା ଅଜଣା ହୋଇ ରହୁନାହିଁ । ଘରେ ବସି ରହି ସେ ଦୁନିଆର ଖବର କ୍ଷଣିକରେ ପାଇପାରୁଛି । ଗଣମାଧ୍ୟମ ନଥିଲେ ଲୋକେ ଆଖି ଥାଇ ଅନ୍ଧ ଓ କାନ ଥାଇ ବଧିର ହୋଇଯାଆନ୍ତେ । ପୂର୍ବକାଳରେ ଏ ସୁବିଧା ନଥିଲା। ଦ୍ରୁତ ଖବର ପଠାଇବାର କୌଣସି ମାଧ୍ୟମ ନଥିଲା। ତୁଣ୍ଡ ବାଇଦ ସହସ୍ରକୋଶ ବୋଲି ଲୋକମାନେ ଏବେବି କୁହନ୍ତି । ସେତେବେଳେ ତୁଣ୍ଡ ମାଧ୍ୟମରେ ଜଣକ ପାଖରୁ ଅନ୍ୟ ଜଣକ ପାଖକୁ ବା ବାଦ୍ୟଯନ୍ତ୍ର ସାହାଯ୍ୟରେ ବାଜା ବଜାଇ ଜନ୍ମମୃତ୍ୟୁ କି ମହୋତ୍ସବର ସୂଚନା ଜାଣିପାରୁଥିଲେ ।

ପୂର୍ବେ ହାତଗଣତି ସାମ୍ବାଦିକ ଥିଲେ। ସମ୍ବାଦପତ୍ର ସଂଖ୍ୟା ମଧ୍ୟ ବହୁତ କମ୍ ଥିଲା। ଏବେ କିନ୍ତୁ ସାମ୍ବାଦିକଙ୍କ ସଂଖ୍ୟା ଓ ସମ୍ବାଦପତ୍ରର ସଂଖ୍ୟା ଆଶାତୀତ ଭାବେ ବଢିଛି। ପ୍ରତିବର୍ଷ ନୂଆନୂଆ ଖବରକାଗଜ ବଜାରକୁ ଆସୁଛି। ଖବରକାଗଜ-ଖବରକାଗଜ ମଧ୍ୟରେ ବିଭିନ୍ନ ଦିଗରୁ ପ୍ରତିଯୋଗିତା ଚାଲିଛି କଳେବରକୁ ନେଇ, ସଂଖ୍ୟାକୁ ନେଇ ନୂଆ ଢଙ୍ଗରେ ପରିବେଷଣକୁ ନେଇ । ପାଠକୀୟ ସ୍ୱୀକୃତିକୁ ନେଇ ମଧ୍ୟ ଚାଲିଛି ତୀବ୍ର ପ୍ରତିଯୋଗିତା । ପ୍ରତିଯୋଗିତା ହେବା ଭଲ, କିନ୍ତୁ ସକାରାତ୍ମକ ଭାବେ ହେବା ଦରକାର । ଏଥିସହିତ ସମାଜର ନିଛକ ଘଟଣା ଛୁଆ ବିକ୍ରି, ଅନାହାର ମୃତ୍ୟୁ, ଶିଶୁ ନିର୍ଯ୍ୟାତନା, ନାରୀ ନିର୍ଯ୍ୟାତନା, ଦୁର୍ନୀତି, ଭ୍ରଷ୍ଟାଚାର, ଶୋଷଣ, କଷଣ ଆଦି ପ୍ରସଙ୍ଗରେ ମଧ୍ୟ ପ୍ରତିଯୋଗିତା ହେବାର ଆବଶ୍ୟକତା ରହିଛି । ଗଣମାଧ୍ୟମ ଏସବୁ ଖବର ଦେଇ ଆମକୁ ସଚେତନ କରାଇବା ସହିତ ଆମ ଆଖି ଖୋଲି ଦେବାର ପ୍ରୟାସ କରିବା ଜରୁରୀ ହୋଇପଡିଛି । ଏହା ଏକ ସ୍ୱଚ୍ଛ, ନିର୍ମଳ ଦର୍ପଣ ସଦୃଶ । ସେଇଥିପାଇଁ ଆଜି ଗାଁଗଣ୍ଡାଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ, କ୍ଷେତର ଚାଷୀଠାରୁ ଚା' ଦୋକାନ, ପାନ ଦୋକାନ, ସେଲୁନଠାରୁ ଅରମ୍ଭ କରି ହୋଟେଲ, ରେଷ୍ଟୁରାଂଟ, ସରକାରୀ ଅଫିସ, ଶିକ୍ଷାନୁଷ୍ଠାନ ସମେତ ଛାତ୍ର, ଓକିଲ, ଶ୍ରମିକ ସକାଳ ହେଲେ ସମସ୍ତଙ୍କ ହାତରେ ଖଣ୍ଡିଏ ଖଣ୍ଡିଏ ଖବରକାଗଜ ଦେଖିବାକୁ ପାଇବେ। ତେଣୁ, ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ ଗଣମାଧ୍ୟମ ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅଛି ।

ପୁରାଣଯୁଗରେ ଦେବର୍ଷି ନାରଦ ତିନିପୁର ଭ୍ରମଣ କରି ଖବରମାନ ପହଞ୍ଚାଉଥିଲେ। ବର୍ତ୍ତମାନ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଆଉ ତିନିପୁର ଭ୍ରମଣ କରିବାକୁ ପଡୁନାହିଁ। ଏ ଯୁଗରେ ଗଣମାଧ୍ୟମ ଦ୍ରୁତଗତିରେ ଆଗେଇଚାଲିଛି । ଲୋକମାନେ ନ ଜାଣିଥିବା ବାର୍ତ୍ତା, ନଶୁଣିଥିବା ଖବର ଏପରି ଭାବେ ଗଣମାଧ୍ୟମ ଦ୍ୱାରା ପ୍ରଚାରିତ ହେଉଛି ଯେ ଏହାର ମୂଳ କେଉଁଠି କେହି ଟେର ମଧ୍ୟ ପାଆନ୍ତି ନାହିଁ । ମୋବାଇଲ୍, କମ୍ପ୍ୟୁଟର୍, ଇଣ୍ଟର୍‌ନେଟ୍, ଡିଜିଟାଲ୍ କ୍ୟାମେରା ଓ ହ୍ୱାଟସ୍‌ଆପ୍ ଯୁଗରେ ଗଣମାଧ୍ୟମର ପ୍ରତିନିଧିମାନେ ସହସା ଘଟଣା ଜାଗାରେ




ପହଞ୍ଚି ସମ୍ବାଦ ଓ ଫଟୋଚିତ୍ର ସଂଗ୍ରହ କରିପାରୁଛନ୍ତି ଏବଂ ତାହା ତତ୍‌କ୍ଷଣାତ୍ ସମ୍ବାଦପତ୍ର ମାଧ୍ୟମରେ ପ୍ରକାଶିତ ହୋଇପାରୁଛି । ତତ୍‌ସହିତ ଏହା ଯୁବ ସମାଜ ଉପରେ ବହୁତ ପ୍ରଭାବ ପକାଉଛି । ଆଜିର ଯୁବକମାନେ ଜୀବନ-ଜୀବିକା ପାଇଁ ରାହା ଖୋଜୁଥିବା ବେଳେ ସାମ୍ବାଦିକତା ତାଙ୍କ ପାଇଁ ଜୀବନ-ଜୀବିକାର ମାଧ୍ୟମ ହୋଇଛି ।

ସାଂପ୍ରତିକ ସମୟରେ ଜୀବନ-ଜୀବିକାର ଦାୟିତ୍ୱ ବଢିବାରେ ଲାଗିଛି । ବିଚାର ବିଭାଗ, ମାନବିକ ଅଧିକାର ସୁରକ୍ଷା କମିଶନ ଓ ଅନ୍ୟାନ୍ୟ ସଂସ୍ଥାର ଉପସ୍ଥିତି ସତ୍ତ୍ୱେ ଗଣମାଧ୍ୟମର ଭୂମିକା ଅଧିକ ପ୍ରଭାବଶାଳୀ ମନେହେଉଛି । ବର୍ତ୍ତମାନ ଦେଶରେ ଅର୍ଥନୈତିକ ଅପରାଧ ବହୁଗୁଣରେ ବୃଦ୍ଧି ପାଇଛି । ଲାଞ୍ଚ, ଦୁର୍ନୀତି, କଳାଧନ ସୃଷ୍ଟି, ଗରିବଙ୍କ ଅର୍ଥର ବାଟମାରଣା, ଆର୍ଥିକ ସହାୟତାରେ ପାତର ଅନ୍ତର ଘଟଣାମାନ ଘଟିଚାଲିଛି । କେତେକ କ୍ଷେତ୍ରରେ ଗଣମାଧ୍ୟମର ଉଦ୍ୟମ ଅତି ପ୍ରଶଂସନୀୟ ମନେହୁଏ । ବିଗତ ଦିନରେ ଭ୍ରଷ୍ଟାଚାର ବିରୋଧରେ ଆନ୍ନା ହଜାରେଙ୍କ ଆନ୍ଦୋଳନ ଓ ନିର୍ଭୟା ଗଣବଳାତ୍କାର ଘଟଣାରେ ଗଣମାଧ୍ୟମର ଗୁରୁତ୍ୱକୁ କେହି ଅସ୍ୱୀକାର କରିପାରିବେନି । ସେହିପରି ନିକଟ ଅତୀତରେ ବ୍ୟାପମ୍ ଦୁର୍ନୀତି, ବାବାମାନଙ୍କ କଳା-କାରନାମା, ବିହାର ଯୁକ୍ତ ଦୁଇ ପରୀକ୍ଷା ଟପ୍ପର ସ୍କାମ୍ , ଚିଟ୍‌ଫଣ୍ଡ ଓ ଓଲିଉଡରେ କାଷ୍ଟିଙ୍ଗ କାଉଚ୍ ପ୍ରସଙ୍ଗରେ ଗଣମାଧ୍ୟମର ଭୂମିକା ବେଶ୍ ପ୍ରଣିଧାନଯୋଗ୍ୟ । ଏହିଭଳି ଅନେକ ଘଟଣାର ଅବତାରଣା କରାଯାଇପାରେ। କିନ୍ତୁ ବେଳେ ବେଳେ ସମ୍ବାଦପତ୍ରର ମାଲିକ ସରକାର, ପୁଞ୍ଜିପତି, ଶିଳ୍ପପତି ଓ ଅନ୍ୟାନ୍ୟ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନିୟନ୍ତ୍ରଣରେ ରହିଗଲେ ସେଠାରେ ସତ୍ୟ, ନିର୍ଭୀକ ଓ ନିରପେକ୍ଷ ସମ୍ବାଦ ପରିବେଷଣ ହୋଇପାରେନାହିଁ ଏବଂ ଏଠାରେ ଗଣମାଧ୍ୟମର ସ୍ୱର ସଙ୍କୁଚିତ ହୋଇଯାଏ । ରାଷ୍ଟ୍ରପ୍ରହରୀ ଯଦି ରାଷ୍ଟ୍ର ପାଇଁ ବିଶ୍ୱସ୍ତ ନହୁଏ ତା'ହେଲେ ଗଣତନ୍ତ୍ର ପ୍ରତି ବିପଦ ମାଡିଆସିବ ।

ଖାଲି ସେତିକି ନୁହେଁ, ଅର୍ଥ ଉପାର୍ଜନ କରିବା ଲୋଭ ଆଜି ଗଣମାଧ୍ୟମକୁ କବଳିତ କରୁଛି । ଗଣତନ୍ତ୍ରର ମାଲିକ ଓ ସାମ୍ବାଦିକମାନଙ୍କ ପାଇଁ ଏହା ଏକ ବ୍ୟବସାୟିକ ପେଶା ହୋଇପଡିଛି । ବିଜ୍ଞାପନ ପାଇବା ଆଶାରେ ଓ ରୋଜଗାର ନିଶାରେ ଅପସଂସ୍କୃତିକୁ ଆମେ ଡାକିଆଣୁଛେ । ବିଜ୍ଞାପନର ଅଶ୍ଳୀଳ ବାର୍ତ୍ତାରେ, ମନୋରଞ୍ଜନର କଦାକାର ରୂପରେ ଖବରକାଗଜର ପୃଷ୍ଠା ବଢିବାରେ ଲାଗିଛି । ଏହାର କୁପ୍ରଭାବ ଯୁବସମାଜ ଉପରେ ପଡୁଛି । ଏପରିକି ବ୍ଲାକମେଲ୍ କରି ଅର୍ଥ ଉପାର୍ଜନ କରିବା ନିଶା ଗଣମାଧ୍ୟମକୁ ଗ୍ରାସିଛି । ଫଳରେ ଏହା କେତେବେଳେ ଜଣକୁ 'ଜିରୋ'ରୁ 'ହିରୋ' କରିଦେଉଛି ତ ଆଉ କେତେବେଳେ ଜଣକୁ 'ହିରୋ'ରୁ 'ଜିରୋ' କରିଦେଉଛି । ନିରପେକ୍ଷ ସମ୍ବାଦ ପରିବେଷଣ ଦିନକୁ ଦିନ କମିବାରେ ଲାଗିଛି । ଗଣମାଧ୍ୟମ ଏବେ ସରକାରୀକଳର ହାତବାରସି ହେବାକୁ ଲାଗିଲେଣି । ଫଳରେ ଗଣମାଧ୍ୟମର ଗାରିମା କ୍ରମଶଃ ହ୍ରାସ ପାଇଲାଣି ।

ଏବେ ବି ସମୟ ଅଛି ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଗଣମାଧ୍ୟମ ଆଗଭର ହୋଇ ଆସିବା ଦରକାର । ଏଥିପାଇଁ ସ୍ୱାର୍ଥର ଲାଳସା ପରିହାର କରିବାକୁ ହେବ । କିଏ ବା ନଜାଣିଛି ଏକଥା – "ଜାତି ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥୀ କଲେ, ଟାଣେ କିରେ ଗାଡି ଦାନାର ତୋବଡା ଘୋଡା ମୁହେଁ ବନ୍ଧା ଥିଲେ ।" କିନ୍ତୁ ପ୍ରୟୋଗରେ ସବୁ ବ୍ୟତିକ୍ରମ । ଗଣମାଧ୍ୟମ ତାର ଉତ୍ତରଦାୟିତ୍ୱ ନିର୍ବାହ କଲେ ଏକ ସୁସ୍ଥ ସମାଜ ଓ ରାଷ୍ଟ୍ର ଗଠନ ହୋଇପାରିବ ।

# ଗଣମାଧ୍ୟମ ସ୍ୱାଧୀନତା

ଗଣତାନ୍ତ୍ରିକ ଶାସନରେ ବିଶେଷକରି ଭାରତପରି ଗଣତାନ୍ତ୍ରିକ ରାଷ୍ଟ୍ରରେ ଶାସନ ବିକେନ୍ଦ୍ରୀକରଣରେ ତିନୋଟି ବିଭାଗ ଅଛି; ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା। ପ୍ରଥମଟିର କାମ ହେଲା ଶାସନ ପାଇଁ ଆଇନ ପ୍ରଣୟନ ଏବଂ ସଂଶୋଧନ ଇତ୍ୟାଦି। ଦ୍ୱିତୀୟଟି ହେଲା ଏହାକୁ କାର୍ଯ୍ୟକାରୀ କରିବା। ପ୍ରଥମଟି ସଂସଦର ଏବଂ ଦ୍ୱିତୀୟଟି ମନ୍ତ୍ରୀମଣ୍ଡଳର। ଏ ଦୁହେଁ ସମ୍ପର୍କିତ ବା ନିର୍ଭରଶୀଳ। ମାତ୍ର ନ୍ୟାୟପାଳିକା ଏ ଦୁଇଟିଯାକ ପ୍ରଭାବରୁ ମୁକ୍ତ। ଏହା ଏକ ସ୍ୱାଧୀନ ଏବଂ ନିରପେକ୍ଷ ଅନୁଷ୍ଠାନ। ଏହି ତିନି ବିଭାଗକୁ ସଂବିଧାନର ତିନୋଟି ସ୍ତମ୍ଭ ବୋଲି କୁହାଯାଏ। ପ୍ରଥମ ଦୁଇଟିର ନିୟନ୍ତ୍ରକ ହେଉଛି ନ୍ୟାୟପାଳିକା। ସେମାନଙ୍କର ଭୁଲଭଟକା ବିଚାର କରି ରାୟଦେବା ତାହାର କାମ। ଏହା ରାଜନୈତିକ ପ୍ରଭାବମୁକ୍ତ। କିନ୍ତୁ ଅଧୁନା ଏହା ମଧ୍ୟ ଦୁର୍ନୀତିମୁକ୍ତ ନୁହେଁ।

ଏ ସମସ୍ତଙ୍କୁ ନିୟନ୍ତ୍ରିତ କରି ଦେଶର ସୁପରିଚାଳନା ଦାୟିତ୍ୱ ତୁଲାଇବାରେ ଆଉ ଏକ ମାଧ୍ୟମ ଅଛି। ତାହାହିଁ ଗଣମାଧ୍ୟମ: ଲୋକଙ୍କ ମାଧ୍ୟମ। ଗଣମାଧ୍ୟମର କାମ ହେଲା ସଂବାଦ ସଂଗ୍ରହ କରିବା ଏବଂ ତାକୁ ବିତରଣ ବା ପରିବେଷଣ କରିବା, ଯାହା ଫଳରେ କି ଗଣମାନେ ଏହାକୁ ଜାଣିପାରିବେ ଏବଂ ତଦନୁଯାୟୀ ସେମାନଙ୍କର କ୍ରିୟା ବା ପ୍ରତିକ୍ରିୟା ପ୍ରକାଶ କରିବେ। ଭିନ୍ନ ଭାଷାରେ କହିଲେ: ପ୍ରେସ ବା ଗଣମାଧ୍ୟମ ଏଭଳି ଏକ ବ୍ୟବସ୍ଥା ଯାହା ରାଷ୍ଟ୍ର, ସମାଜ ଓ ବ୍ୟକ୍ତିକୁ ସମ୍ପର୍କିତ ଓ ସମୃଦ୍ଧିତ କରିବ ଏବଂ ଏପରି ଭାବେ ସାମାଜିକ ଓ ରାଷ୍ଟ୍ରୀୟ ବ୍ୟବସ୍ଥା କଥା ବ୍ୟକ୍ତିଗତ ଜୀବନର ବିକାଶ ଓ କଲ୍ୟାଣ ନିମନ୍ତେ ସହାୟକ ହୋଇଥାଏ। ଏହା ବ୍ୟକ୍ତି ବା ସମାଜର ଚିତ୍ର, ଆଶା, ଆକାଙ୍‌କ୍ଷା ଇତ୍ୟାଦି ସମୂହକୁ ଶାସନକଳ ପାଖରେ ପହଞ୍ଚାଏ ଏବଂ ଅନ୍ୟପକ୍ଷରେ ସେମାନଙ୍କର ଦୁର୍ନୀତି ଓ ସୁନୀତିକୁ ଲୋକଲୋଚନକୁ ଆଣି ଏକ ସୁନିୟନ୍ତ୍ରିତ ଏବଂ ସୁଚାଳିତ ଶାସନ ଓ ସମାଜ ଗଠନରେ ସହାୟକ ହୋଇଥାଏ।

ଗଣମାଧ୍ୟମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କେବଳ ସତ୍ୟକୁ ଆବିଷ୍କାର କରିବା ଏବଂ ଉକ୍ତ ସତ୍ୟ ଭିନ୍ନ ଅନ୍ୟ କିଛି ପରିବେଷଣ ନକରିବା ତଥା ଏହି ସତ୍ୟ ମାଧ୍ୟମରେ 'ସାଧୁ ସାବଧାନ' ବାଣୀ ଶୁଣାଇବା। ସମାଜକୁ ସଜାଡ଼ିବା ତଥା ସମାଜ ଓ ବ୍ୟକ୍ତି ଚରିତ୍ର ସଂଶୋଧନ ଓ ଗଠନ କରିବା ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ।

ଏହା ଏକ ପୁରାତନ ବ୍ୟବସ୍ଥା ଯାହାର ପ୍ରବର୍ତ୍ତା ଥିଲେ ଦେବର୍ଷି ନାରଦ ଯିଏକି ଅପ୍ରିୟ ସତ୍ୟ ପରିବେଷଣ କରୁଥିଲେ ତିନିଲୋକ: ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳପୁରୀରେ। ସତ୍ୟ ପରିବେଷଣ କରିବାରେ ସେ ଥିଲେ ନିର୍ଭୀକ ଓ ନିରପେକ୍ଷ। ସେହିପରି ସତ୍ୟ ସଂଗ୍ରହରେ ଥିଲେ ଦୁଃସାହସିକ। ସେ ଯୁଗରେ ସେ ଜଣେ, ଯିଏକି ଗଣକୁ ନିୟନ୍ତ୍ରଣ କରୁଥିଲେ ଅଥଚ ଆଜି 'ଗଣ' 'ଗଣ'କୁ ବା 'ଜଣ'କୁ ନିୟନ୍ତ୍ରଣ କରୁଛି।

ଏବେ ଯୁଗର ପରିବର୍ତ୍ତନ ତଥା ବିଜ୍ଞାନର ପ୍ରଭାବକ୍ରମେ ଗଣମାଧ୍ୟମର ରୂପ ଅନେକ ପ୍ରକାର : ପ୍ରିଣ୍ଟ ମିଡ଼ିଆ ଅର୍ଥାତ୍ ସମ୍ବାଦପତ୍ର, ପତ୍ରପତ୍ରିକା, ଇଲୋକଟ୍ରୋନିକ୍ ମିଡ଼ିଆ ଅର୍ଥାତ୍ ଆକାଶବାଣୀ ଦୂରଦର୍ଶନ, ଇଣ୍ଟରନେଟ୍, ଓ୍ୱେବସାଇଟ୍ ଏବଂ ମାସ୍ ମିଡ଼ିଆ ଯେମିତି ଯାତ୍ରା, ସିନେମା, ଦାସକାଠିଆ, ପ୍ରାଚୀର ପତ୍ର, ସଭାସମିତି... ଇତ୍ୟାଦି ଇତ୍ୟାଦି। ଏବେ ଗଣମାଧ୍ୟମର ବିଶ୍ୱସନୀୟତା ଏବଂ ସ୍ୱାଧୀନତା ନେଇ ପ୍ରଶ୍ନ ଉଠିଲାଣି ? ଏ ମାଧ୍ୟମଗୁଡ଼ିକ ଅନ୍ୟର ଯେମିତି ନିୟନ୍ତ୍ରକ, ଏମାନଙ୍କର କେହି ନିୟନ୍ତ୍ରକ ନାହାଁନ୍ତି ତ ? ଗଣମାଧ୍ୟମର ସାଂବାଦିକମାନେ ତଥା ସେମାନଙ୍କର ସଂସ୍ଥା, ନିର୍ଭୀକ, ନିରପେକ୍ଷ ଓ ନିର୍ଲୋଭ ତଥା ନିର୍ଲିପ୍ତ, ନିର୍ବିକାର ଅଟନ୍ତି ତ ? ସେମାନଙ୍କର ନିଜସ୍ୱ ସ୍ୱାଧୀନତା ଅଛି ନା କାହାଦ୍ୱାରା ପରିଚାଳିତ ? ସେମାନେ ସବୁରୁ ମୁକ୍ତ, ନା କ୍ରୀତ ? ସେମାନେ କାହା ପ୍ରତି ଭୟକାରକ ଅଥବା କାହା ପ୍ରତି ଭୟଭୀତ ? ଏମିତି ଅନେକ ପ୍ରଶ୍ନ। ସଂକ୍ଷେପରେ କୌଣସି କାରଣରୁ ନିଜ କର୍ତ୍ତବ୍ୟପ୍ରତି ପରାଧୀନ ନା ସ୍ୱାଧୀନ !

ଏ ସଂପର୍କରେ ଏତିକି କୁହାଯାଇପାରେ ଯେ ଅଧିକାଂଶ ଗଣମାଧ୍ୟମ କେତେକ ଶାସନର ରାଜଦଣ୍ଡଧାରୀଙ୍କ ଦ୍ୱାରା ପରିଚାଳିତ, ଯାହାକୁ ସେମାନେ ନିଜର ସ୍ୱାର୍ଥ ହାସଲପାଇଁ ହାତବାରିସୀ କରିଥାଆନ୍ତି। ଅନେକ କିଛିଟା ଅସତ୍ୟ ପାଇଁ ଚାପଗ୍ରସ୍ତ, କେହି ପ୍ରଲୋଭନର ବଶୀଭୂତ, କେହି ସତ୍ୟପାଇଁ ପ୍ରାଣବଳି ଦେବାକୁ ପଡ଼େ ବୋଲି ଅତ୍ୟନ୍ତ ଭୟଭୀତ। ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ଦେଖାଯାଇଛି ଯେ ଯେଉଁ ସାଂବାଦିକମାନେ ସ୍ୱାଧୀନଚେତା ଏବଂ କୌଣସି ଚାପର ବଶବର୍ତ୍ତୀ ହୋଇନାହାଁନ୍ତି ଏବଂ କାହାର କାର୍ଯ୍ୟ ହାସଲରେ ଅନ୍ତରାୟ ହୋଇଛନ୍ତି, ସେମାନଙ୍କୁ ସେମାନେ ଗୁଳି ବା ହତ୍ୟାକରି ମାରିଛନ୍ତି ଅଥବା ଅପହରଣ କରି ଚିରଦିନ ନିଖୋଜ ରଖୁଛନ୍ତି। ଏଣୁ ସତ୍ୟଟି ଦିଶୁଥିଲେ ମଧ୍ୟ ତାକୁ ଗଣଙ୍କୁ ଦେଖାଇବାର କେହି ସାହସ କରୁନାହାଁନ୍ତି; କାରଣ ସେମାନଙ୍କର ସଂସାର ଅଛି।

କେତେଜଣ ସ୍ୱାଧୀନଚେତା ସାଂବାଦିକ ବା ଗଣମାଧ୍ୟମ ଅଛନ୍ତି ଯିଏକି ସତ୍ୟପାଇଁ ଗାନ୍ଧି ପରି ଗୁଳି ଖାଇବା, ଅଥବା ନିର୍ଯ୍ୟାତିତ କି କାହାପରି ଅତ୍ୟାଚାରିତ ହେବାକୁ ଚାହାନ୍ତି ? ଏବେ ଆନ୍ତର୍ଜାତିକ ସ୍ତରରେ ପ୍ରତିବର୍ଷ ମେ' ୩ ତାରିଖ ବିଶ୍ୱ ଗଣମାଧ୍ୟମ ଦିବସରେ ସ୍ୱାଧୀନଚେତା ସାଂବାଦିକ ଯିଏକି ତାଙ୍କ ବୃତ୍ତିପାଇଁ ନିର୍ଯାତିତ, ଅତ୍ୟାଚାରିତ ଓ ଯନ୍ତ୍ରଣାଗ୍ରସ୍ତ ଏମିତି ଜଣକୁ ପୁରସ୍କାର ଦିଆଯାଉଛି। ଏହା ଏକ ଏ ବୃତ୍ତି ପାଇଁ ପ୍ରୋତ୍ସାହନ। ତଥାପି କହିବା ଗଣମାଧ୍ୟମର ସ୍ୱାଧୀନତା ଅଙ୍କୁଶମୁକ୍ତ ନୁହେଁ, କେବେ ନୁହେଁ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଂଶତମ ଖେଳକୁଦ ସମାରୋହ



ଭୁବନେଶ୍ୱର (ପିଏନ୍): ଆଦିମାତା କଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଂଶତମ ଖେଳକୁଦ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଇଏସ୍‌ଆଇସିର ଯୁବ ନିର୍ଦ୍ଦେଶକ ଡଃ ଦିଲ୍ଲୀପ ସାହୁ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟ ଅତିଥି ଭାବେ ବୈଜ୍ଞାନିକ ପ୍ରମୋଦ କୁମାର ପଣ୍ଡା ଯୋଗଦେଇ ଶିଶୁମାନଙ୍କର ଶାରୀରିକ, ମାନସିକ ଓ ନୈତିକ ବିକାଶ ପାଇଁ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ୯ ଓ ୧୨ ନମ୍ବର ଓ୍ୱାର୍ଡ କର୍ପୋରେଟର ସୁଷମା ସାହୁ, ଜୟନ୍ତୀ ସାହୁ, ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ଦୁଷ୍ମନ୍ତ ନାୟକ, ପୂର୍ବତନ କ୍ରିକେଟର ସତ୍ୟ ରଂଜନ ଶତପଥୀ, ପରିଚାଳନା ସମିତି ସମ୍ପାଦକ ପ୍ରଶନ୍ନ କୁମାର ସାହୁ, ଯୁଗ୍ମ ସମ୍ପାଦକ ଯତିନ୍ଦ୍ର ପ୍ରଧାନ, କୋଷାଧକ୍ଷ ପବିତ୍ର ସାହୁ, ବିଶିଷ୍ଟ ସମାଜସେବୀ ପ୍ରଶନ୍ନ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଦୀପ୍ତିମୟ ରଥ ମଞ୍ଚ ପରିଚାଳନା, କ୍ରୀଡା ପ୍ରମୁଖ ବିଚିତ୍ର ଦାସ ବୃତ୍ତ କଥନ ଓ ଆଚାର୍ଯ୍ୟ ଜୀବନ ମିଶ୍ର ଶାରୀରିକ ପ୍ରଦର୍ଶନୀ ଗୁଡିକର ପରିଚାଳନା କରିଥିଲେ। ପ୍ରମୁଖ ଉପଦେଷ୍ଟା ନନ୍ଦ କିଶୋର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବେ ସମାପନ ହୋଇଥିଲା। ଏହି ଖେଳକୁଦ ସମାରୋହରେ ମୋଟ ୬୦ଟି କ୍ରୀଡାକୁ କନିଷ୍ଠ ଶିଶୁ, ବାଲ ଓ କିଶୋର ବର୍ଗରେ ବିଭକ୍ତ କରାଯାଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରୁ କୃତିତ୍ୱ ଅର୍ଜନ କରଥିବା ୨୦୦ ପ୍ରତିଭାଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିଶୁମାନଙ୍କ ଦ୍ୱାରା ଶାରୀରିକ ପ୍ରଦର୍ଶନୀ ଓ ନୃତ୍ୟ ପରିବେଷଣ ଅତ୍ୟନ୍ତ ଉଚ୍ଚକୋଟିର ଥିଲା। ଆଚାର୍ଯ୍ୟ ଶ୍ରୀକାନ୍ତ ସାହୁ, ମନୋଜ ଦାଶ, ମନୋରଂଜନ ପାଢୀ, ପ୍ରିୟବ୍ରତ ପରିଡା, ଅମୀୟ ଜେନା, ରିତେଶ କୁମାର ସାହୁ ଓ ପ୍ରେମଲତା ବାରିକ, ଶକୁନ୍ତଳା ମଲ୍ଲିକ, ଅପୂର୍ବା ଦାସ, ପ୍ରତିଭାମଂଜରୀ ବିଶ୍ୱାଳ, ସସ୍ମିତା ପରିଜା, ସ୍ନିଗ୍ଧା ସାମଲ କ୍ରୀଡାକୁ ପରିଚାଳନା କରିଥିଲେ।

## ଜିଲ୍ଲା କଂଗ୍ରେସ ତରଫରୁ ପଣ୍ଡିତ ନେହେରୁଙ୍କ ଜୟନ୍ତୀ ପାଳିତ



ରାଉରକେଲା (ପିଏନ୍): ନବଭାରତର ନିର୍ମାତା ତଥା ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଭାରତରତ୍ନ ପଣ୍ଡିତ ଜବାହାରଲାଲ ନେହେରୁଙ୍କର ଜନ୍ମଜୟନ୍ତୀ ଜିଲ୍ଲା କଂଗ୍ରେସ ତରଫରୁ ପାଳିତ ହୋଇଯାଇଛି । ଗତ ୧୪ ତାରିଖରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ସକାଳ ସାଢେ ୯ଟା ଘଟିକା ସମୟରେ କୋଏଲନଗର ସ୍ଥିତ ଡି ବ୍ଲକ୍ ଛକରେ ସମବେତ ହୋଇ ପଣ୍ଡିତଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ସକାଳ ସାଢେ ୧୦ ଘଟିକା ସମୟରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା । ଏହି ସ୍ମୃତିସଭାରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହି ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ତାଙ୍କର ସ୍ମୃତିଚାରଣ କରିଥିଲେ । ଇଂରେଜ ଶାସନ ଦ୍ୱାରା ଲୁଣ୍ଠିତ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଦାୟିତ୍ୱ ନେଇ ଦେଶର ନବନିର୍ମାଣ କରିଥିଲେ ବୋଲି ଏହି ଅବସରରେ ନେତୃବୃନ୍ଦ ପ୍ରକାଶ କରି ରାଉରକେଲା ଇସ୍ପାତ କାରଖାନା ଓ ସହର ନେହେରୁଙ୍କ କାଳଜୟୀ ସୃଷ୍ଟି ବୋଲି ମତ ପ୍ରକାଶ କରିଥିଲେ । ରାଉରକେଲା ସହରକୁ ଆହୁରି ଅଧିକ ସରସ ସୁନ୍ଦର କରି ଗଢି ତୋଳିଲେ ତାହା ତାଙ୍କ ପ୍ରତି ସବୁଠାରୁ ବଡ ଶ୍ରଦ୍ଧାଂଜଳି ହେବ ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ । ଏ ସମସ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ତଥା ପିସିସି ସଭ୍ୟ ବିରେନ ସେନାପତି, ଅନ୍ୟତମ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସାଧାରଣ ସମ୍ପାଦକ ରବି ରାୟ, ପିସିସି ସଭ୍ୟ ପ୍ରଭାତୀ ମିଶ୍ର, ତୁଳସୀ ନାଗ, ରାମାନନ୍ଦ ଶ୍ରୀଚନ୍ଦନ, ରଶ୍ମିରଂଜନ ପାଢୀ, ମହିଳା ସଭାନେତ୍ରୀ ନିରୂପମା ବଳିୟାର ସିଂହ, ରାଜ୍ୟ ମହିଳା ସମ୍ପାଦିକ ଲତା ନାୟକ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ଓବିସିର ରାଷ୍ଟ୍ରୀୟ ସଂଯୋଜକ କୈଳାସ ସାହୁ, ଉପସଭାପତି ଉମେଶ ଶରଣ ଓ କୀର୍ତ୍ତନ ଦାସ, ମୁଖପାତ୍ର ଆର୍‌ପି ସିଂହ, ବରିଷ୍ଠ ନେତା ଗଣେଶ ପ୍ରଧାନ ଓ ଇନ୍ଦ୍ରମୋହନ ପଣ୍ଡା, ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ବ୍ଲକ୍ ସଭାପତି ରଘୁନାଥ ଦାସ, ସମ୍ପାଦିକା ପ୍ରତିମା ପାଣିଗ୍ରାହୀ, ପୂର୍ବତନ ବ୍ଲକ୍ ସଭାପତି ଗୋକୁଳାନନ୍ଦ ପଣ୍ଡା, ବ୍ଲକ୍ ସଭାପତି ପ୍ରତାପ ବେହେରା, ସମ୍ପାଦକ ରବୀନ୍ଦ୍ର ନାୟକ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ରୁକସାନା ବେଗମ, ରେହେମାନ ଖାନ, ବିଜୟ ବେହେରା, ସୁଶାନ୍ତ ପଟ୍ଟନାୟକ, ବିଜୟଲକ୍ଷ୍ମୀ ପ୍ରଧାନ, ଲକ୍ଷ୍ମୀପ୍ରିୟା ଜେନା, ଗୀତା ସିଂହ, ଯୁବନେତା ପ୍ରଦୀପ ବେହେରା, ସାହିର ହୁସେନ, ସାକିର ହୁସେନ, ରୋଶନ ତିର୍କୀ, ବିଶ୍ୱରନ ରାଉତ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ଧର୍ମେନ୍ଦ୍ର ସିଂହ, ରମେଶ ଗୁପ୍ତା ପ୍ରମୁଖ ଅଂଶଗ୍ରହଣ କରିଥିବା ବେଳେ ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ପରେ ପରେ କୋଏଲନଗର ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲା କଂଗ୍ରେସ ତରଫରୁ ଅଧ୍ୟୟନରତ ଶିଶୁମାନଙ୍କୁ ଖାତା ଓ ବିସ୍କୁଟ ବଣ୍ଟନ କରାଯାଇଥିଲା । ସକାଳୁଆ ସ୍କୁଲ ଯୋଗୁ ଶିଶୁମାନେ ଛୁଟିପରେ ଘରକୁ ଚାଲିଯାଇଥିବାରୁ ସମସ୍ତ ସାମଗ୍ରୀ ବଣ୍ଟନ ନିମନ୍ତେ ଜିଲ୍ଲା କଂଗ୍ରେସ ତରଫରୁ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ହସ୍ତାନ୍ତର କରାଯାଇଥିଲା ବୋଲି ଦଳ ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ କୁହାଯାଇଛି

## ଗୁଣିଗାରେଡ଼ି ପାଇଁ ଯୁବକଙ୍କୁ ପ୍ରାଣାନ୍ତକ ଆକ୍ରମଣ

ଧର୍ମଶାଳା (ପିଏନ୍): ଗୁଣିଗାରେଡ଼ି ପାଇଁ ଧର୍ମଶାଳା ଥାନା ଥାନୁଆଳ ପଂଚାୟତ ରଘୁନାଥପୁର ଗ୍ରାମର ଅନଙ୍କ କୁମାର ଦାସ(୩୬)ଙ୍କୁ ଗତକାଲି ସକାଳେ ପ୍ରାଣାନ୍ତକ ଆକ୍ରମଣ ହୋଇଛି । ତନ୍ତ୍ରବିଦ୍ୟା ଶିଖୁଥିବା ଏହି ଗ୍ରାମର ସୁବାସ ମଲିକ (୬୨)ଙ୍କ ଖଣ୍ଡା ଚୋଟରେ ଅନଙ୍କ କାନରେ ଗଭୀର ଆଘାତ ଲାଗିଛି । ଏ ସଂପର୍କରେ ସେ ଥାନାରେ ଏତଲା ଦେଇଛନ୍ତି। ପୁଲିସ୍ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଘଟଣା ପରଠାରୁ ଅଭିଯୁକ୍ତ ସୁବାସ ଫେରାର୍ ହୋଇଯାଇଛି। ପ୍ରକାଶ ଯେ, ରଘୁନାଥପୁର ଗ୍ରାମର ଅନଙ୍କ ସକାଳେ ଗ୍ରାମ୍ୟ ଜଙ୍ଗଲକୁ ଶୌଚ ହେବାପାଇଁ ଯାଉଥିବା ବେଳେ ସୁବାସ ହଠାତ୍ ତାଙ୍କ ବେକକୁ ଖଣ୍ଡାଚୋଟ ମାରିଥିଲା । ସେ ଧରି ପକାଇବାରୁ ବେକ ବଦଳରେ ତାଙ୍କ କାନ ହାଣି ହୋଇଯାଇଥିଲା । ପୁଣି ଏକ ଚୋଟ ମାରିବାକୁ ଉଦ୍ୟମ କରୁଥିବା ବେଳେ ଅନଙ୍କ ଚିତ୍କାର ଶୁଣି ନିକଟରେ ଥିବା ଲୋକମାନେ ପହଂଚିଯିବାରୁ ସୁବାସ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲା। ପରିବାର ଲୋକ ଆହତ ଅନଙ୍କୁ ନେଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ । ଶ୍ରୀ ମଲିକ କିଛିବର୍ଷ ହେଲା ତନ୍ତ୍ରଶିକ୍ଷା କରୁଥିବା ବେଳେ ରାତିରେ ପାଖ ଜଙ୍ଗଲରେ ପଶୁପକ୍ଷୀଙ୍କୁ ବଳି ଦେଉଥିବା ଅନଙ୍କ ଅଭିଯୋଗରେ ଦର୍ଶାଇଛନ୍ତି । ଅଭିଯୁକ୍ତକୁ ଧରିବାରେ ପୁଲିସ୍ ସକ୍ଷମ ହୋଇନାହିଁ । ତୁରନ୍ତ ତାକୁ ଗିରଫ କରିବାପାଇଁ ଆହତ ଅନଙ୍କ ଦାବି କରିଛନ୍ତି ।

## ମହିଳା କଂଗ୍ରେସ ପକ୍ଷରୁ ମାଗଣା ଦନ୍ତଚିକିତ୍ସା ଶିବିର ଓ କମ୍ବଳ ବଂଟନ



ଭୁବନେଶ୍ୱର (ପିଏନ୍)-ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୬୬ ନଂ ଓ୍ୱାର୍ଡରେ ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସର କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ବୈଜୟନ୍ତୀ ରାଣୀ ତ୍ରିପାଠୀଙ୍କ ଦ୍ୱାରା ଏକ ମାଗଣା ଦନ୍ତଚିକିତ୍ସା ଶିବିର ଏବଂ କମ୍ବଳ ବଂଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଠାରେ ୬୬ ନଂ ଓ୍ୱାର୍ଡ଼ ଏବଂ ଆଖପାଖ ଅଂଚଳର ଗରିବ ଲୋକେ ଦନ୍ତ ଚିକିତ୍ସା କରାଇଥିଲେ। ଭିନ୍ନକ୍ଷମ ଏବଂ ଗରିବ ଲୋକମାନେ ମଧ୍ୟ ଏଠାରୁ କମ୍ବଳ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ତ୍ରିପାଠୀ କହିଥିଲେ ଯେ ବେକାର ଯୁବକଯୁବତୀମାନଙ୍କୁ ଧନ୍ଦାମୂଳକ ଶିକ୍ଷାର ତାଲିମ ଦିଆଯାଇ କିପରି ସ୍ୱାବଲମ୍ବୀ କରାଯିବ ସେଥିପାଇଁ ଉଦ୍ୟମ ଜାରି ରହିଛି। ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଜୟଦେବ ଜେନା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କହିଥିଲେ ଯେ କଂଗ୍ରେସ ସର୍ବଦା ସାଧାରଣ ଲୋକଙ୍କ ସହିତ ଅଛି। ଲୋକଙ୍କର ନ୍ୟାର୍ଯ୍ୟଦାବୀ ପାଇଁ ଲଢ଼େଇ କରୁଛି ଏବଂ ଦୁର୍ନୀତି, ଭ୍ରଷ୍ଟାଚାର ଓ କୁଶାସନ ବିରୋଧରେ ଧାରାବାହିକ ସଂଗ୍ରାମ କରୁଛି। ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସହଯୋଗରେ ସେ ରଘୁନାଥ ନଗର ସ୍ଥାପନ କରିବାକୁ ସକ୍ଷମ ହୋଇପାରିଥିଲେ। ଏଠାରେ କଂଗ୍ରେସ ସରକାର ଏଠାରେ ସମସ୍ତଙ୍କୁ ସ୍ଥାୟୀ ଜାଗା ଦେଇଛି। ମାତ୍ର ନବୀନ ସରକାର ଯେଉଁ ଜାଗା ମିଶନ କଥା କହୁଛନ୍ତି, ତାହା ଠିକ୍ ଠିକ୍ ଭାବରେ କାର୍ଯ୍ୟକାରୀ ହେଉନି। ଏଠାରେ ସରକାରୀ ଯୋଜନାର ରୂପାୟନରେ ପାତରଅନ୍ତର କଲେ ଭୟଙ୍କର ଭାବେ ବିରୋଧ କରାଯିବ ବୋଲି ସେ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ ରଘୁନାଥ ନଗରର ସାଧାରଣ ଜନତାଙ୍କ ପାଇଁ ଆମେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଛୁ। ଲୋକଙ୍କ ହୃଦୟରେ ଅଛୁ। ସରକାରୀ ଅପାରଗତା, ଉଦାସୀନତା ଓ ପକ୍ଷପାତିତା ବିରୋଧରେ ଲଢ଼େଇ କରାଯିବ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ, ପ୍ରକାଶ ମିଶ୍ର, ମହମ୍ମଦ ଗୁଲଫାମ, ସେକ ଅପତାବ ଅଲ୍ଲୀ, ପ୍ରଭାତ ବାରିକ, ନିଆଜୁଲ ଇସଲାମ, ସମିଉଲ ହକ, ମିହିର ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଜୁନ ୨୮

# ରୋଗର ନାମ ନୋ-ମୋ-ଫୋବିଆ

**ଡାକ୍ତର ସମ୍ରାଟ କର**

ଲଗାଣ ବର୍ଷଣମୁଖର ସକାଳେ ପହଞ୍ଚିଥିଲେ ମୋର ଜଣେ ପରିଚିତ ବନ୍ଧୁ ରଜନୀସ। ବଡ଼ ବ୍ୟସ୍ତ ହୋଇ ତାଙ୍କ ସାନ ଭାଇ ସୁଜିତର ଅସ୍ୱାଭାବିକ ମୋବାଇଲ ବ୍ୟବହାର ସମ୍ପର୍କରେ ମୋତେ କହିଲେ। ତାଙ୍କ କଥାନୁଯାୟୀ ତାଙ୍କ ଭାଇ ପ୍ରାୟତଃ ସବୁବେଳେ ନିଜକୁ ମୋବାଇଲରେ ବ୍ୟସ୍ତ ରଖିଥାନ୍ତି। ତେବେ ସେ ଏକ କମ୍ପାନୀର କର୍ମଚାରୀ ହୋଇଥିଲେ ମଧ୍ୟ ସାମାନ୍ୟ ଟିକିଏ ସମୟ ବା ମୁହୂର୍ତ୍ତ ମିଳିଲା ମାତ୍ରେ ସେ ସତେଯେପରି ମୋବାଇଲ ବିନା ବଞ୍ଚି ପାରନ୍ତି ନାହିଁ ତାଙ୍କ ଆଚରଣ ଗୁଡ଼ିକ ସେହିପରି । ଯେପରି ପାଣି ବିନା ମାଛ ବଞ୍ଚିପାରିନଥାଏ ଠିକ ସେହିପରି ତାଙ୍କ ଆଚରଣ। ମୁଁ ଟିକିଏ ହସିଲି, ଏବଂ ତାଙ୍କୁ ବୁଝାଇ କହିଲି ଯେ ନୋ-ମୋ-ଫୋବିଆ ଅର୍ଥାତ୍ ନୋ-ମୋବାଇଲ-ଫୋନ ଫୋବିଆ। ମୋବାଇଲ ଫୋନ ବ୍ୟବହାର ବନ୍ଦ କରିବାକୁ ଡରୁଥିବା ଲୋକଙ୍କୁ ନୋ-ମୋ-ଫୋବିଆ ଆକ୍ରାନ୍ତ ବୋଲି କୁହାଯାଏ। ଯେଉଁମାନେ ମୋବାଇଲ ଠାରୁ ଦୂରେଇ ରହି ପାରନ୍ତି ନାହିଁ। କିଛି ସମୟ ପାଇଁ ଇଣ୍ଟରନେଟ ସେବା ବ୍ୟାଘାତ ହେଲେ କିମ୍ବା ମୋବାଇଲ ଫୋନ ବନ୍ଦ ହୋଇଗଲେ, ସେମାନେ ବ୍ୟତିବ୍ୟସ୍ତ ହୋଇ ପଡ଼ନ୍ତି। ଏକବିଂଶ ଶତାବ୍ଦୀରେ ସ୍ମାର୍ଟ ଫୋନର ବହୁଳ ବ୍ୟବହାର ହେଉଛି। ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ଯୁବପିଢ଼ି ଏପରିକି ବୟସ୍କ ଲୋକେ ମଧ୍ୟ ମୋବାଇଲ ମାୟାରେ ଫସୁଛନ୍ତି। ମୋବାଇଲ ବ୍ୟବହାର ଦ୍ୱାରା ଦିନର ଅଧାଧିକ ସମୟ ଅପଚୟ କରୁଛନ୍ତି। ସମୟକ୍ରମେ ସେମାନଙ୍କ ମାନସିକ ସ୍ଥିତି ଦୁର୍ବଳ ହୋଇପଡୁଛି। ବିଶେଷକରି ନୋ-ମୋ-ଫୋବିଆ ରୋଗୀଙ୍କ କାଉନସେଲିଂ କରାଯାଉଛି। ମୋବାଇଲ ବ୍ୟବହାର କିପରି କମ କରିବେ କିମ୍ବା ନିଜର ଜୀବନଶୈଳୀରେ ପରିବର୍ତ୍ତନ ଆଣି ମୋବାଇଲ ଠାରୁ ଦୂରେଇ ରହିବେ ସେ ଦିଗରେ ସେମାନଙ୍କୁ ଟିପ୍ପଣୀ ଦିଆଯାଉଛି। ଏତଦବ୍ୟତୀତ କଗ୍ନିଟିଭ ବିହେଭିଓରାଲ ଥେରାପୀ ଦ୍ୱାରା ସେମାନଙ୍କ ମାନସିକ ଅବସ୍ଥାରେ ଉନ୍ନତି ଆଣିବା ଦିଗରେ ଉଦ୍ୟମ କରାଯାଉଛି। ପ୍ରାୟତଃ ମାନସିକ ରୋଗର ଚିକିତ୍ସକମାନେ ଏଭଳି ଚିକିତ୍ସା ପଦ୍ଧତି ପାଇଁ ପରାମର୍ଶ ଦେଇଥାନ୍ତି। ନୋ-ମୋ-ଫୋବିଆ ଆକ୍ରାନ୍ତଙ୍କ କ୍ଷତ୍ରରେ ନିଦ୍ରାହୀନତା, ସାମାଜିକ ଦୂରତା, ସାଧାରଣ ଉଦବେଗ ଠାରୁ ଦୂରେଇ ରହିବା ଭଳି ଲକ୍ଷଣ ସବୁ ଦେଖାଯାଏ।

ମୋବାଇଲ ଫୋନର ବହୁଳ ବ୍ୟବହାର ଲୋକଙ୍କ ମାନସିକ ଅବସ୍ଥାକୁ ପ୍ରଭାବିତ କରୁଛି। ଏହା ସମସ୍ତେ ଜାଣି ସାରିଲେଣି। ଏଣୁ ଏବେ ସଚେତନ ହେବାର ସମୟ ଆସିଛି। ଘଣ୍ଟା ଘଣ୍ଟା ମୋବାଇଲ ଫୋନ ବ୍ୟବହାର କରିବା ଦ୍ୱାରା ଆମ ମସ୍ତିଷ୍କ କ୍ଲାନ୍ତ ହୋଇପଡ଼େ। କ୍ଲାନ୍ତ ମସ୍ତିଷ୍କ ଅନ୍ୟ କୌଣସି କାର୍ଯ୍ୟ କରିପାରେନାହିଁ। ଅନ୍ୟ କାର୍ଯ୍ୟ ଠାରୁ ମଧ୍ୟ ଦୂରେଇ ରହିବାକୁ ଆମକୁ ବାଧ୍ୟ କରେ। ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ପ୍ରାପ୍ତ ବୟସ୍କ ଲୋକେ ମଧ୍ୟ ମୋବାଇଲରେ ଅଧିକ ସମୟ



ଡାକ୍ତର ସମ୍ରାଟ କର

ଅତିବାହିତ କରୁଛନ୍ତି। ଯାହାକି ସେମାନଙ୍କୁ ସୁସ୍ଥ ମାନସିକ ସ୍ଥିତି ପ୍ରଦାନ କରୁନାହିଁ। ବର୍ତ୍ତମାନର ସମୟକୁ ଦେଖନ୍ତୁ ହାତ ପାହାନ୍ତାରେ ଆମ ସମୟର ସୂଚନା ପ୍ରଯୁକ୍ତିର ସର୍ବଶ୍ରେଷ୍ଠ କୌଶଳଟି କିପରି ଆମ ପାଇଁ ସୁଖଦ ଅପେକ୍ଷା ଦୁଃଖଦରେ ପରିଣତ ହେଲାଣି। ତେବେ କରୋନା ସମୟରେ ୱାର୍କ ଫର୍ମ ହୋମ ବ୍ୟବସ୍ଥା ଓ ଅନେକ ଅନଲାଇନ କାର୍ଯ୍ୟକ୍ରମ ଲୋକମାନଙ୍କ ଭିତରେ ମୋବାଇଲ ସହିତ ଆସକ୍ତିକୁ ତୀବ୍ର ଭାବେ ବଢ଼ାଇ ଦେଇଛି। ସେହିପରି ଅନଲାଇନ ପେମେଣ୍ଟ ହେଉ ବା ଯେକୌଣସି ଆର୍ଥିକ ଦେଣନେଣ ସହ ଖବର କାଗଜ ପଢ଼ା ଏବଂ ସମସ୍ତ ସୂଚନା ଏହି ମୋବାଇଲରେ ଉପଲବ୍ଧ ରହୁଥିବାରୁ ଲୋକମାନଙ୍କ ଜୀବନ ଶୈଳୀରେ ଏହା ଏପରି ଜଡ଼ିତ ହୋଇଗଲାଣି ଯେ ସାମାନ୍ୟ ମୁହୂର୍ତ୍ତଟି ଲୋକମାନେ ପାଇବା ମାତ୍ରେ ମୋବାଇଲକୁ ତତ୍‌କ୍ଷଣାତ ହାତରୁ କାଢ଼ିବା ପାଇଁ ମଧ୍ୟ ଚାହୁଁନାହାଁନ୍ତି। ଏହା ଯେଭଳି ଏକ ମାନସିକତା ଠିକ ସେହିପରି ଭାବରେ ଏକ ଫୋବିଆର ରୂପ ନେଲାଣି।

ଏନେଇ ସେତେଟା ବ୍ୟସ୍ତ ହେଲେ ମଧ୍ୟ ଏହା ପାଇଁ ଏକ ସର୍ବନିମ୍ନ ସଚେତନତା ଓ ଭଲ ରୁଟିନର ଜୀବନଟି ତିଆରି କରିପାରିଲେ ଏହି ବର୍ଗର ପୀଡ଼ିତମାନେ ଏଥିରୁ ନିସ୍ତାର ପାଇପାରିବେ। ସର୍ବପ୍ରଥମେ ନିଜକୁ ବୁଝାନ୍ତୁ ଯେ ଆପଣଙ୍କ ନିଜ ବ୍ୟକ୍ତିଗତ ଜୀବନ, ପାରିପାରିବ ଜୀବନ ଓ କର୍ମମୟ ଜୀବନ ଭିତରେ କିପରି ଭାରସାମ୍ୟ ରଖିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅତ୍ୟଧିକ ମୋବାଇଲ ଆସକ୍ତି ଲୋକମାନଙ୍କ ଚିନ୍ତାଶୀଳତା, ସ୍ମୃତିଶକ୍ତି ଓ ବୌଦ୍ଧିକ କ୍ଷେତ୍ରକୁ ଗୁରୁତର ଭାବେ ପ୍ରଭାବିତ କରିଥାଏ। ହାତରେ ମୋବାଇଲ ନାହିଁମାନେ ସତେଯେପରି ଆମ ଦେହରେ ଜୀବନ ନାହିଁ ଏପରି ମାନସିକତା ଆଦୌ ରଖନ୍ତୁ ନାହିଁ। ଆପଣ ସର୍ବପ୍ରଥମେ ଏକ ରୁଟିନ ତିଆରି କରନ୍ତୁ ଯେ ହାତରେ ମୋବାଇଲ ଫୋନ ନ ରଖି ମଧ୍ୟ ଦିନକୁ କେତେ ଘଣ୍ଟା ସମୟ ଅତିବାହିତ କରିପାରିବି। ନିଜ ଖାଦ୍ୟପେୟ, ବିଶ୍ରାମ ଏସବୁକୁ ଦେଖନ୍ତୁ ଆପଣଙ୍କ ପରିବାର ପାଇଁ ସମୟ ଦିଅନ୍ତୁ, ଆପଣଙ୍କ କର୍ମ ସଂସ୍ଥାନରେ ଥିବା ଦାୟିତ୍ୱକୁ ମଧ୍ୟ ସଠିକ ରୂପେ ନିର୍ବାହ କରନ୍ତୁ ଏ ସବୁ ସତ୍ତ୍ୱେ ଆପଣଙ୍କର ଏହି ମୋବାଇଲ ପ୍ରତି ତୀବ୍ର ଆସକ୍ତି ଯଦି ଆପଣଙ୍କୁ ଛାଡ଼ି ପାରୁନାହିଁ ତାହାହେଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଜରୁରୀ। ଏଭଳି କ୍ଷେତ୍ରରେ ଚିକିତ୍ସା ଅପେକ୍ଷା ସଚେତନତା ଅଧିକ ଜରୁରୀ।

# ଚର୍ଚ୍ଚାରେ ନିଟ୍, ପରୀକ୍ଷା ପରେ ପରୀକ୍ଷା...

ଆମ ସମୟରେ ଏକ ହିନ୍ଦୀ ସିନେମାର ଚର୍ଚ୍ଚିତ ଡାଇଲଗ୍‌ଟି ଥିଲା 'ତାରିଖ ପେ ତାରିଖ' ଅର୍ଥାତ୍ ତାରିଖ ପରେ ତାରିଖ ନ୍ୟାୟ ପାଳିକାକୁ ବିଳମ୍ବିତ କରିବା ପାଇଁ ହୀନ ପ୍ରୟାସ ଉଦ୍ଦେଶ୍ୟରେ ଏହି ସଂଳାପଟି ବେଶ ଚର୍ଚ୍ଚିତ ଓ ଆଲୋଡ଼ନକାରୀ ଥିଲା। ଠିକ ସେହିପରି ସର୍ବଭାରତୀୟ ନିଟ୍ ପରୀକ୍ଷା ଫଳର ତ୍ରୁଟି ବିଚ୍ୟୁତି ଓ ପରବର୍ତ୍ତୀ ସମୟରେ ଏହାର ତ୍ରୁଟି ସୁଧାର ପାଇଁ ପରୀକ୍ଷା ବ୍ୟବସ୍ଥାକୁ ଦେଖି ଆମକୁ ଲାଗୁଛି ସତେଯେପରି 'ପରୀକ୍ଷା ପରେ ପରୀକ୍ଷା'। ଏସବୁ ଭିତରେ ଡାକ୍ତରୀ ସେବା ପରି ଏକ ମହତ୍ ଓ ଶ୍ରେଷ୍ଠ ଅବଲମ୍ବନ ବୃତ୍ତି ନିମିତ୍ତ ଯୌବନର ପ୍ରଥମ ପାହାଚରେ ପାଦ ଦେଇଥିବା ଡାକ୍ତରୀ ଅଭିଳାଷୀ ମାନଙ୍କ ପାଇଁ ଏବେ ଏହି ଚର୍ଚ୍ଚିତ ନିଟ୍ ଯେଉଁପରି ହା ହୁତାଶ ଓ କଂକର୍ତ୍ତବ୍ୟବିମୂଢ଼ତାକୁ ତିଆରି କରିଛି ତାହା ହିଁ ସବୁଠାରୁ ବଡ଼ ଅସମାହିତ ପ୍ରଶ୍ନ। ଆମ ସମାଜରେ ଦ୍ୱିତୀୟ ଭଗବାନ ଭାବେ ଡାକ୍ତରୀ ବୃତ୍ତିକୁ ମର୍ଯ୍ୟାଦା ଦିଆଯାଏ ଏବଂ ଏହି ମର୍ଯ୍ୟାଦାଜନକ ଓ ତୀବ୍ର ପ୍ରତିଯୋଗିତା ମୂଳକ ବୃତ୍ତି ପାଇଁ ଆବଶ୍ୟକ ପଡ଼ିଥାଏ ନିଟ୍ ପରୀକ୍ଷା। କିନ୍ତୁ ଚଳିତଥର ଏହି ନିଟ୍ ବ୍ୟବସ୍ଥା ଏପରି ଆଲୋଡ଼ନ, ଆଲୋଚନା ସୃଷ୍ଟି କରିଛି ଯେ ଯାହା ପୂର୍ବରୁ କେବେ ହୋଇନଥିଲା। ଚଳିତ ନିଟ ପରୀକ୍ଷାରେ ପ୍ରାୟ ଏକ ଲକ୍ଷ ସିଟ ଏମବିବିଏସ ସିଟ ଲାଗି ପ୍ରାୟ ୨୪ ଲକ୍ଷ ପରୀକ୍ଷାର୍ଥୀ ଆବେଦନ କରିଥିଲେ, ଅର୍ଥାତ୍ ପ୍ରତି ଆସନ ଲାଗି ପ୍ରାୟ ୨୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରତ। ଏଭଳି ସ୍ଥଳେ ଛାତ୍ରଛାତ୍ରୀ ମାନଙ୍କ ପ୍ରସ୍ତୁତି ଓ ପ୍ରତିଦ୍ୱନ୍ଦ୍ୱିତାର ସ୍ତର କିଭଳି ଉଚ୍ଚ ହୋଇଥାଏ, ତାହା କେବଳ ଅନୁମାନସାପେକ୍ଷ। ଏହି କାରଣରୁ ରାଜସ୍ଥାନର କ୍ଷେତ୍ର ପାଲଟି କୋଟା ତହିଁରେ ଥିବା ମେଡ଼ିକାଲ ଓ ଇଂଜିନିୟରିଂ କୋଚିଂ ସେଣ୍ଟର ଗୁଡ଼ିକ ସକାଶେ ଚୁମ୍ବକୀୟ ଆକର୍ଷଣ କ୍ଷେତ୍ର ପାଲଟି କିଭଳି ଏକ କିମ୍ବଦନ୍ତୀ ସ୍ୱରୂପ ଲାଭ କଲାଣି, ତାହା ଦେଶ ବିଦେଶରେ ଚର୍ଚ୍ଚାର ବିଷୟବସ୍ତୁ ହୋଇଛି। ପ୍ରତି ବର୍ଷ କୋଟାକୁ ପ୍ରାୟ ୨ଲକ୍ଷ ନୂଆ ଛାତ୍ରଛାତ୍ରୀ କେବଳ ନିଟ କୋଚିଂ ନେବା ଲାଗି ପଦାର୍ପଣ କରନ୍ତି ଏବଂ ସେହି ଗୋଟିଏ ସ୍ୱପ୍ନର ପୂର୍ତ୍ତି ସକାଶେ ପ୍ରବେଶିକା ଗାଇଡ଼ ବହିର ସ୍ତୂପ ମଧ୍ୟରେ ପୋତି ହୋଇ ନିଃସଙ୍ଗ ବିନଦ୍ର ରଜନୀମାନ ଅତିବାହିତ କରନ୍ତି। ଏନଇଟି-ୟୁଜି ପରୀକ୍ଷାରେ ଅନିୟମିତତା ଓ ରେଜଲ୍ଟ ବିଭ୍ରାଟ ସମଗ୍ର ଭାରତରେ ଆଲୋଡ଼ନ ସୃଷ୍ଟି କରିଛି। ଏହାକୁ ନେଇ ଦିନକୁ ଦିନ ନାନା ବିବାଦ ସୃଷ୍ଟି ହେଉଥିବାବେଳେ ଚଳିତ ବର୍ଷ ମେଡ଼ିକାଲ ଓ ଫେଲୋସିପ ପରୀକ୍ଷାରେ ବୈଷୟିକ ତ୍ରୁଟି, ପ୍ରଶ୍ନପତ୍ର ପ୍ରଘଟ ଓ ପ୍ରକ୍ସି ପରୀକ୍ଷାର୍ଥୀ ହାଉଜାଉ ହେବା ସହିତ ଜାଣି ଶୁଣି କେତେ ଜଣଙ୍କୁ ଗ୍ରେସ ମାର୍କ ଦିଆଯିବା ବିଷୟ ପଦାକୁ ଆସିବା ପରେ ଖୋଳତାଡ଼ ଆରମ୍ଭ ହେବା ସହ ଏହା ହଇଚଇ ସୃଷ୍ଟି କରିଛି। ଚଳିତ ୨୦୨୪ରେ ପ୍ରାୟ ୨୪ ଲକ୍ଷ ୬ ହଜାର ୭୯ ପରୀକ୍ଷାର୍ଥୀଙ୍କ ଭିତରୁ ୨୩ ଲକ୍ଷ ୩୩ ହଜାର ୨୯୭ ପରୀକ୍ଷାର୍ଥୀ ୧ ଲକ୍ଷ ୬ ହଜାର ୩୩୩ (ଏମବିବିଏସ) ଓ ୨୬ ହଜାର ୯୪୯ (ବିଡ଼ିଏସ) ସହିତ ଅନ୍ୟାନ୍ୟ ସିଟ ପାଇଁ ପରୀକ୍ଷା ଦେଇଥିବାବେଳେ ଏଥରର ପରୀକ୍ଷାଫଳ ପିଲାମାନଙ୍କ ସହିତ ଅଭିଭାବକ ମାନଙ୍କୁ ମଧ୍ୟ ଚକିତ କରିଦେଇଛି।

ମେଧା ସୃଷ୍ଟି ଓ ଅନ୍ୱେଷଣରେ ବିଶ୍ୱଗୁରୁ ଆଖ୍ୟା ପାଇଥିବା ଭାରତ ପାଇଁ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସିର ପରୀକ୍ଷା ପରିଚାଳନା ବିଭ୍ରାଟ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି। ଏନଟିଏ ଦ୍ୱାରା ପରିଚାଳିତ ଚଳିତ ବର୍ଷର ନିଟ-ୟୁଜି (ଡାକ୍ତରୀ ପରୀକ୍ଷ)ରେ ଗ୍ରେସ ମାର୍କ ବିବାଦ ଓ ପ୍ରଶ୍ନପତ୍ର ପ୍ରଘଟ ପରି ଗୁରୁତର ଅଭିଯୋଗ ଆସିବା ପରେ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଅନ୍ଧକାର ଘେରକୁ ଚାଲିଯାଇଛି। କେବଳ ସେତିକି ନୁହେଁ, ନିଟ ୟୁଜି ପରୀକ୍ଷା ବିଭ୍ରାଟ ଜଣାପଡ଼ିବା ପରେ ଏନଟିଏ ଦ୍ୱାରା ପରିଚାଳିତ ନିଟ ପିଜି ପରୀକ୍ଷାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି ଏବଂ ଅଧାପନା ଓ ଗବେଷଣା ପାଇଁ ଉଦ୍ଦିଷ୍ଟ ଯୋଗ୍ୟତା ପରୀକ୍ଷା ନିଟ ୟୁଜିସିକୁ ବାତିଲ କରିଦିଆଯାଇଛି। ଫଳରେ ଏହି ପରୀକ୍ଷା ଦେଇଥିବା ଲକ୍ଷ ଲକ୍ଷ ପରୀକ୍ଷାର୍ଥୀଙ୍କ ଶ୍ରମ, ଅଧବସାୟ ନିଷ୍ଫଳ ହେବା ସହିତ ସେମାନଙ୍କ କ୍ୟାରିୟର ଗଠନ ଆଶା ମଧ୍ୟ ମଉଳି ଯାଇଛି। କ୍ରମଶଃ ଏହି ସମସ୍ୟା ସ୍ୱାଭାବିକ ଭାବେ ରାଜନୈତିକ ରୂପ ନେଇଛି। ତେଣୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କେନ୍ଦ୍ର ସରକାର ଏନଟିଏର ମୁଖ୍ୟଙ୍କୁ ବହିଷ୍କାର କରିବା ସହିତ ଜାତୀୟ ପ୍ରବେଶିକା ପରୀକ୍ଷାର ପରିଚାଳନାରେ ସଂସ୍କାର ପରାମର୍ଶ ଦେବା ପାଇଁ ଦେଶର ବଛାବଛା ଶିକ୍ଷାବିତଙ୍କୁ ନେଇ ଇସ୍ରୋର ପୂର୍ବତନ ମୁଖ୍ୟ ଡ.କେ. ରାଧାକ୍ରିଷ୍ଣନଙ୍କ ଅଧକ୍ଷତାରେ ସାତଜଣିଆ କମିଟି ଗଠନ କରିଛନ୍ତି।



ଯଶସ୍ୱିନୀ ପଟ୍ଟନାୟକ

ଏଥିସହିତ ଜାତୀୟ ପରୀକ୍ଷା ପରିଚାଳନା ଆଇନକୁ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ କରିବା ପାଇଁ ବିଜ୍ଞପ୍ତି ଜାରି ହୋଇଛି।

ପ୍ରଥମେ ୟୁଜି-ନିଟ ଏବଂ ପରେ ୟୁଜିସି - ନିଟ ପରୀକ୍ଷାରେ ତ୍ରୁଟି ସାମ୍ନାକୁ ଆସିବା ପରେ ଏନଟିଏର କାର୍ଯ୍ୟଦକ୍ଷତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଏନଟିଏ ଏଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ଦାୟିତ୍ୱ ତୁଲାଇଥାଏ। ପ୍ରଶ୍ନପତ୍ର ପ୍ରସ୍ତୁତି ସହ ପରୀକ୍ଷା କେନ୍ଦ୍ର ନିର୍ଦ୍ଧାରଣ, ପେପର ଯାଞ୍ଚ କଥା ମଧ୍ୟ ବୁଝିଥାଏ ଏହି ସ୍ୱୟଂଶାସିତ ସଂସ୍ଥା। ତେବେ ଯେଉଁଭଳି ଭାବେ ଏହିଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ତ୍ରୁଟି ବିଚ୍ୟୁତି ସାମ୍ନାକୁ ଆସିଛି, ତାହା ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାରକୁ ନେବା ସହ ସରକାରଙ୍କୁ ଟାଣିଛି କାଠଗଡ଼ାକୁ। ବର୍ତ୍ତମାନ ପ୍ରଶ୍ନ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଛାତ୍ରଛାତ୍ରୀଙ୍କୁ କିଭଳି ମିଳିବ ନ୍ୟାୟ ?

ପୂର୍ବରୁ ମେଡ଼ିକାଲ ଶିକ୍ଷା ପାଇଁ ବିଭିନ୍ନ ରାଜ୍ୟରେ ପ୍ରବେଶିକା ପରୀକ୍ଷା ଏବଂ ସର୍ବଭାରତୀୟ କ୍ଷେତ୍ରରେ ଏ.ଆଇ.ପି.ଏମ୍.ଟି ପରୀକ୍ଷା ସମାନ୍ତରାଳ ଭାବେ ଚାଲୁଥିଲା। କିନ୍ତୁ ୨୦୧୬ରୁ ଦେଶବ୍ୟାପୀ ଡାକ୍ତରୀ ଶିକ୍ଷା ପାଇଁ କେନ୍ଦ୍ରୀୟ ପରୀକ୍ଷା ବ୍ୟବସ୍ଥା କରାଯାଇ ନିଟ ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି। ପଥମତଃ ପଞ୍ଜୀକରଣରୁ ହିଁ ଚଳିତ ବର୍ଷ ନିଟ ପରୀକ୍ଷାର ଅନିୟମିତତାର ଅଭିଯୋଗ ଉଠିଥିଲା। ପଞ୍ଜିକରଣ ପାଇଁ ଆବେଦନ ସମୟ ସୀମା ଫେବୃୟାରୀ ୯ରୁ ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ଆବେଦନ ଶେଷ ତାରିଖକୁ ମାର୍ଚ୍ଚ ୬ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିଲା। ହଠାତ୍ ଏପ୍ରିଲ ୯-୧୦ରେ ପଞ୍ଜିକରଣ ପାଇଁ ପୁଣି ଥରେ ସୁଯୋଗ ଦିଆଗଲା। ଏନଟିଏର ଏଭଳି ନିଷ୍ପତ୍ତିକୁ ଅଭୂତ ଓ ସ୍ୱାର୍ଥ ପ୍ରଣୋଦିତ ବୋଲି ସେତେବେଳେ ଅଭିଯୋଗ ଆସିଥିଲା। ଦ୍ୱିତୀୟତଃ, ନିଟ ୟୁଜିରେ ମୋଟ ୭୨୦ ନମ୍ବରର ପରୀକ୍ଷା ହୋଇଥାଏ। ଚଳିତ ବର୍ଷ ୬୭ ଜଣ ପରୀକ୍ଷାର୍ଥୀ ୭୨୦ ନମ୍ବରରୁ ୭୨୦ ନମ୍ବର ରଖି ଟପ୍ପର ହୋଇଛନ୍ତି। ଗତବର୍ଷ ମାତ୍ର ୨ଜଣ ଓ ୨୦୨୨ରେ ୪ଜଣ ପରୀକ୍ଷାର୍ଥୀ ସର୍ବୋଚ୍ଚ ୭୨୦ ନମ୍ବର ରଖିବାରେ ସକ୍ଷମ ହୋଇଥିଲେ। ତେଣୁ କେଉଁ ଯାଦୁବଳରେ ଚଳିତ ବର୍ଷ ଏକକାଳୀନ ୬୭ ଜଣ ପରୀକ୍ଷାର୍ଥୀ ଶତପ୍ରତିଶତ ନମ୍ବର ରଖିପାରିଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠିଛି। ତୃତୀୟତଃ ପରୀକ୍ଷା ନିୟମାବଳୀ କାଗଜରେ ଗ୍ରେସ ମାର୍କ ସମ୍ପର୍କରେ ଉଲ୍ଲେଖ ନଥିଲେ ମଧ୍ୟ ୧୫୬୩ ଜଣ ଛାତ୍ରଛାତ୍ରୀଙ୍କୁ ଗ୍ରେସ ମାର୍କ ଦିଆଯାଇଥିଲା। ଏନଟିଏ କହିବା ଅନୁଯାୟୀ କିଛି ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ବିଳମ୍ବରେ ପହଞ୍ଚିବା ଏବଂ କିଛି ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ପୁରୁଣା ଏନସିଇଆରଟି ବହି ବ୍ୟବହାର କଥାକୁ ବିଚାରକୁ ନେଇ ଅତିରିକ୍ତ ମାର୍କ ଦିଆଯାଇଛି। ତେବେ ପ୍ରଶ୍ନ ଉଠେ ପରୀକ୍ଷାର୍ଥୀଙ୍କୁ ଅତିରିକ୍ତ ସମୟ ଦିଆ ନଯାଇ ଗ୍ରେସ ମାର୍କର ବ୍ୟବସ୍ଥା କାହିଁକି କରାଗଲା ?

ହେଲେ ସରକାର ହୁଅନ୍ତୁ କି ଏନଟିଏ ଜାଣି ରଖନ୍ତୁ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ସାମାନ୍ୟ ତ୍ରୁଟି ଅଯୋଗ୍ୟ ଡାକ୍ତରଟିଏ ସୃଷ୍ଟି କରିବ। ଆଗକୁ ସେହି ଡାକ୍ତରର ଚିକିତ୍ସା ଦେଶ ପାଇଁ କାମରେ ଆସିବ କି? ଟଙ୍କା ବାଲାମାନେ ନିଜ ପିଲାଙ୍କ ପାଇଁ ଅର୍ଥ ବୁହାରେ ସିଟ ଯଦି କିଣିବେ ତାହାଲେ ଗରିବ ଓ ମଧ୍ୟବିତ୍ତ ଘରର ପିଲା, ଯିଏ କଠୋର ପରିଶ୍ରମ କରି ପ୍ରବେଶିକା ପରୀକ୍ଷା ଦେଉଥିବାମାନେ କରିବେ କ'ଣ? ଗତବର୍ଷ ପର୍ଯ୍ୟନ୍ତ ୬୪୦ରେ ସ୍କୋର ନିଶ୍ଚିତ ସରକାରୀ କଲେଜରେ ଏମବିବିଏସ ସିଟ ପ୍ରଦାନ କରୁଥିଲେ। ଏଥର ଡେଣ୍ଟାଲରେ ମିଳିବା ବି ସମ୍ଭବ ନୁହେଁ। ବର୍ଷେ ଦୁଇ ବର୍ଷ ଡ୍ରପ ନେଇ ପିଲାଏ ରାତିଦିନ ଏକ କରୁଛନ୍ତି ନିଟ୍ ପରୀକ୍ଷା ପାଇଁ। ସେ ପରୀକ୍ଷା ଯଦି ସ୍ୱଚ୍ଛତାରେ ହେବନି ତାହେଲେ ସତ ପରିଶ୍ରମ କରୁଥିବା ପିଲାଙ୍କ ମାନସିକ ଅବସ୍ଥା କ'ଣ ହେବ? ଭାବିଛନ୍ତି କି କେବେ ଏନଟିଏ କର୍ତ୍ତୃପକ୍ଷ? ପିଲାଙ୍କ ସହ ଖେଳ ବୋଲି ଭାବନ୍ତୁନି, ଏହା ଦେଶର ଭବିଷ୍ୟତ ସହ ଖେଳ, ଜାଣି ରଖନ୍ତୁ ଏହାକୁ। ଏନଟିଏର କିଛି ଅଧିକାରୀଙ୍କୁ ହଟାଯିବା ଏବଂ ସିବିଆଇର ତଦନ୍ତ ଆରମ୍ଭ ହେବା କ'ଣ ଯୋଗ୍ୟ ପରୀକ୍ଷାର୍ଥୀଙ୍କ ଲାଗି କରିପାରିବ କିଛି ସହାୟତା।

ଏକ ତଥ୍ୟ ଅନୁଯାୟୀ ୨୦୧୯-୨୧ ମଧ୍ୟରେ ଆମ ଦେଶରେ ପ୍ରାୟତ ୩୫,୦୦୦ ଶିକ୍ଷାର୍ଥୀ ଆତ୍ମହତ୍ୟା କରିଛନ୍ତି। ଶିକ୍ଷା ବ୍ୟବସ୍ଥାରେ ସାମାଜିକ ଓ ଆର୍ଥିକ ବୈଷମ୍ୟ ହିଁ ଏଥିପାଇଁ ମୂଳତଃ ଦାୟୀ। ଡାକ୍ତରୀ ଶିକ୍ଷାର କେନ୍ଦ୍ରୀକରଣ ଓ ବ୍ୟବସାୟୀକରଣ ହେବା ଦ୍ୱାରା ସଂଘୀୟ ବ୍ୟବସ୍ଥା ବ୍ୟାହତ ହେବା ସହ ଡାକ୍ତରୀ ପେଷାର ମୂଲ୍ୟବୋଧରେ ଅବକ୍ଷୟ ଘଟିଥିବା ମଧ୍ୟ ମତ ପ୍ରକାଶ ପାଇଛି। ୨୦୨୧ ମସିହାରେ ତାମିଲନାଡୁରେ ଏ କେ ରାଜନଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ରିପୋର୍ଟ ଅନୁଯାୟୀ ନିଟ ପରୀକ୍ଷା ଗ୍ରାମାଞ୍ଚଳ ଓ ଗରିବ ପିଲାଙ୍କୁ ଡାକ୍ତରୀ ଶିକ୍ଷାରୁ ବଞ୍ଚିତ କରୁଛି। ଇତିମଧ୍ୟରେ ପ୍ରଶ୍ନପତ୍ର ପ୍ରଘଟ ନିରୋଧ ଆଇନାନୁସାରେ ଆଜି କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏଥିରେ ଅନ୍ୟ ପରୀକ୍ଷା ସହ କମ୍ପ୍ୟୁଟର ପର୍ଯ୍ୟବେସିତ ପରୀକ୍ଷା ଗୁଡ଼ିକ ନିମନ୍ତେ ଜାତୀୟ ନିଯୁକ୍ତି ସଂସ୍ଥା ଆବଶ୍ୟକ ଏସଓପି ଜାରି କରିବାକୁ ବାଧ୍ୟତାମୂଳକ କରାଯାଇଛି। ବିଜ୍ଞପ୍ତି ଅନୁସାରେ, ପ୍ରତ୍ୟେକ ପରୀକ୍ଷା ଓ ପ୍ରବେଶିକା ପରୀକ୍ଷା ପୂର୍ବରୁ ସହଯୋଗୀ ସଂସ୍ଥା, ବ୍ୟକ୍ତିବିଶେଷ, ଅନୁଷ୍ଠାନ ଆଦି ସହ ସମାଲୋଚନା କରି ଏନଆରଏ ଆବଶ୍ୟକ ଗାଇଡ଼ଲାଇନ, ଏସଓପି ଆଦି ପ୍ରସ୍ତୁତ କରିବ। ପ୍ରତି ପରୀକ୍ଷା ପୂର୍ବରୁ ଏହି ଗାଇଡ଼ଲାଇନ, ଏସଓପି ଗୁଡ଼ିକୁ କେନ୍ଦ୍ର ସରକାର ସର୍ବସାଧାରଣରେ ପ୍ରକାଶ କରିବେ। ଏସଓପିରେ ପରୀକ୍ଷା କେନ୍ଦ୍ରର ପ୍ରାକ ନିରୀକ୍ଷଣ, ପରୀକ୍ଷା କେନ୍ଦ୍ର ନିକଟରେ ପ୍ରାର୍ଥୀଙ୍କୁ ଯାଞ୍ଚ, ବାୟୋମେଟ୍ରିକ ପଞ୍ଜୀକରଣ, ସୁରକ୍ଷା ଓ ସ୍କ୍ରିନିଂ ପରୀକ୍ଷା କେନ୍ଦ୍ରରେ ବସିବା ସ୍ଥାନର ବ୍ୟବସ୍ଥା, ପ୍ରଶ୍ନପତ୍ର ସେଟିଂ ଏବଂ ପରୀକ୍ଷା ପରବର୍ତ୍ତୀ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ବିସ୍ତୃତ ନୀତି ରହିବ। ସୁତରାଂ ଏଥିରୁ ଉପଲବ୍ଧ ବିମର୍ଷକର ଉପସଂହାରଟି ହେଲା ଛାତ୍ରଛାତ୍ରୀଙ୍କୁ ଗଢ଼ିବାର ଦାୟିତ୍ୱ ନେଇଥିବା ବ୍ୟକ୍ତି ଓ ଅନୁଷ୍ଠାନଗୁଡ଼ିକ ଅଧଃପତିତ ଏବଂ ଏଭଳି ପରିବେଶରେ ଅନେକ ଛାତ୍ରଛାତ୍ରୀଙ୍କ ନିରନ୍ଧ୍ର ପରିଶ୍ରମ ଅଗତ୍ୟା ନିରର୍ଥକ ହୋଇଯାଏ। ଅପରପକ୍ଷରେ ବ୍ୟୟବହୁଳ ଶିକ୍ଷା ବ୍ୟବସ୍ଥା ଡାକ୍ତରଙ୍କ ସେବା ପରାୟଣତାକୁ କ୍ଷୁର୍ଣ୍ଣ କରୁଛି। ଏହି ଧାରା ଜାରି ରହିଲେ ଭବିଷ୍ୟତରେ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଏହା ଏକ ବଡ଼ ଆହ୍ୱାନ ସୃଷ୍ଟି କରିବ।

*ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,*
*ସେକ୍ଟର-୮, ସିଡିଏ, କଟକ*

# ଅଲାରନାଥଙ୍କ କ୍ଷୀରି

ବର୍ତ୍ତମାନ ମହାପ୍ରଭୁ ଶ୍ରୀଜଗନ୍ନାଥ ଜ୍ୱରରେ ଆକ୍ରାନ୍ତ ହୋଇ ଅଣସର ଘରେ ଚିକିତ୍ସାଧୀନ। ମହାପ୍ରଭୁ ଚଉଦ ଦିନ ପାଇଁ ଅଣସର ପିଣ୍ଡିରେ ରହୁଥିବାବେଳେ ବ୍ରହ୍ମଗିରିସ୍ଥିତ ଅଲାରନାଥଙ୍କ ପୀଠରେ ଚର୍ତୁଭୂତ ନାରାୟଣ ରୂପରେ ପୂଜା ପାଇଥାନ୍ତି। ଜଗନ୍ନାଥ ଭକ୍ତମାନେ ଏହି ସ୍ଥାନକୁ ଆସି ଅନବସର ଦର୍ଶନ କରି ବିଭୁ କୃପା ଲାଭ କରିଥାନ୍ତି। ତେବେ ଚର୍ତୁଭୁଜ ନରାୟଣ ରୂପରେ ଅଲାରନାଥଙ୍କ ଦର୍ଶନ ପରେ ତାଙ୍କ ପ୍ରସିଦ୍ଧ କ୍ଷୀରି ପାଇବା ପାଇଁ ଭକ୍ତମାନଙ୍କ ଭିତରେ ଉତ୍କଣ୍ଠା ରହିଥାଏ। ତେବେ ଅନେକ ଜଗନ୍ନାଥ ଶ୍ରଦ୍ଧାଳୁ ବା ଭକ୍ତମାନେ ଜାଣିନଥାନ୍ତି ଯେ ପ୍ରଭୁ ଅଲାରନାଥଙ୍କ ଏହି ପ୍ରିୟ କ୍ଷୀରି ପଛର କାହାଣୀ। ଏହା ପଛରେ ରହିଥିବା କିମ୍ବଦନ୍ତୀଟି ହେଉଛି 'କପିଳ ସଂହିତା'ର ଛବିଶତମ ଅଧ୍ୟାୟରେ ଶ୍ରୀ ନୀଳମାଧବଙ୍କ ମାହାତ୍ମ୍ୟ ପ୍ରସଙ୍ଗରେ ବର୍ଣ୍ଣନା ହୋଇଛି ଶବର ରାଜା ବିଶ୍ୱାବସୁଙ୍କ ଦ୍ୱାରା ପୂଜା ପାଉଥିବା ନୀଳମାଧବ ଅନ୍ତର୍ଦ୍ଧାନ ହୋଇ ନୀଳଶୈଳ କ୍ଷେତ୍ରର ପଶ୍ଚିମ ଦିଗରେ ଚାରିକୋଶ ଦୂର ଅଲାଲ୍ୟ ବ୍ରାହ୍ମଣ ଘରେ ଆସି ପୂଜା ପାଉଥିଲେ। ତେବେ ବ୍ରାହ୍ମଣ ଜଣଙ୍କ ଅତ୍ୟନ୍ତ ଦରିଦ୍ର ଥିବାରୁ ସେ ଚାଉଳରେ ପ୍ରସ୍ତୁତ କ୍ଷୀରିକୁ ଠାକୁରଙ୍କୁ ଦେଇ ପୂଜା କରୁଥିଲେ। ଥରେ ଏହି ବ୍ରାହ୍ମଣ ନିଜର ଏକ ବ୍ୟକ୍ତିଗତ କାମରେ ବନ୍ଧୁଘରକୁ ଯିବା ସମୟରେ ନିଜ ପାଞ୍ଚ ବର୍ଷର ମାଧବକୁ ଠାକୁରଙ୍କ ଦୈନନ୍ଦିନ ପୂଜା ଓ ରୀତିକାନ୍ତି ପାଇଁ କହିଯାଇଥିଲେ। ଏହି ମାଧବ ନାମକ ପିଲାଟି ପୂଜା, ମନ୍ତ୍ର, ନୈବେଦ୍ୟ କିଛି ଶିଖିନଥିବାରୁ ତାଙ୍କ ମାଆ ରାନ୍ଧି ଦେଉଥିବା କ୍ଷୀରି ଠାକୁରଙ୍କୁ ସମର୍ପଣ କରି ଚାଲିଆସୁଥିଲା। ତେବେ ଠାକୁରଙ୍କୁ ନୈବେଦ୍ୟ ଅର୍ପଣ ପରେ ପାତ୍ରରେ ଅବଶିଷ୍ଟାଂଶ କ୍ଷୀରି କିଛି ନ



ନାଟ୍ୟ ସାରଥି ଅଭୟ କୁମାର ଦାସ

ରହୁଥିବାରୁ ସେ ଏୟାକୁ ଦେଖି ତାଙ୍କ ମାଆଙ୍କୁ ଜଣାଉଥିଲେ। ଏକଥା ପରେ ବ୍ରାହ୍ମଣ ଶୁଣିବାରୁ ସେ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ଚାହିଁଲେ। ଯାହାଦ୍ୱାରା ପ୍ରମାଣ ସ୍ୱରୂପ ଥରେ ତାଙ୍କ ପୁଅ କ୍ଷୀରି ନେଇ ଠାକୁରଙ୍କୁ ନୈବେଦ୍ୟ ସମର୍ପଣ କଲାପରେ କବାଟ ଫାଙ୍କରେ ବ୍ରାହ୍ମଣ ଜଣଙ୍କ ସ୍ୱଚକ୍ଷୁ ପ୍ରମାଣ ପାଇଁ ଜଗି ବସିଲେ। ଠିକ୍ ଏତିକି ବେଳେ ଠାକୁର ଏକ ଛୋଟ ବାଳକ ରୂପରେ ଆସି ପାତ୍ରରୁ କ୍ଷୀରି ଖାଉଥିବାବେଳେ ଭାବପ୍ରବଣ ହୋଇ ବ୍ରାହ୍ମଣ ଜଣଙ୍କ କବାଟ ଖୋଲିଦେଇଥିଲେ। ତେବେ ସଙ୍ଗେ ସଙ୍ଗେ ଠାକୁର ତାଙ୍କ ପୂର୍ବସ୍ଥାନକୁ ଫେରି ଯାଇଥିଲେ। ତରବରରେ ସଙ୍ଗେ ସଙ୍ଗେ ସର୍ମପଣ ହୋଇଥିବା ଗରମ କ୍ଷୀରି ଖାଇଥିବାରୁ ଠାକୁରଙ୍କ ଶରୀର ବିଭିନ୍ନ ସ୍ଥାନରେ ଫୋଟକା ଦାଗ ରହିଯାଇଥିଲା। ପୁରାଣ ଓ ପ୍ରାଚୀନ ସମୟର ଲୋକମାନେ କୁହନ୍ତି ଏହି ଅଲାଲ୍ୟ ବ୍ରାହ୍ମଣ ପରିବାରର ନାମ ଅନୁସାରେ ଠାକୁରଙ୍କ ନାମ ଅଲାରନାଥ ହୋଇ ସେହିଦିନରୁ ପୂଜା ପାଇ ଆସୁଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଅଣସର ଘରେ ରହିବା ପରେ ବ୍ରହ୍ମଗିରି ଅଲାରନାଥ ପୀଠକୁ ଭକ୍ତଜନଙ୍କର ସୁଅ ଛୁଟିଥାଏ। ଅଲାରନାଥଙ୍କ ଦର୍ଶନ ପରେ ଭକ୍ତମାନେ ତାଙ୍କ ସ୍ୱତନ୍ତ୍ର କ୍ଷୀରି ପ୍ରସାଦ ରୂପେ ପାଇଥାନ୍ତି। ସଂଗୃହୀତ ସୂଚନା ଓ ତଥ୍ୟ ଅନୁଯାୟୀ ବର୍ତ୍ତମାନ ପ୍ରତ୍ୟହ ପାଖାପାଖି ପଚିଶ ହଣ୍ଡା କ୍ଷୀରି ପ୍ରସ୍ତୁତ ହେଉଛି। ତିଆରି କରୁଥିବା ବ୍ରାହ୍ମଣ ମାନଙ୍କ କହିବା ଅନୁଯାୟୀ ଦଶସେର କ୍ଷୀରରେ ଏକ ହଣ୍ଡା କ୍ଷୀରି ପ୍ରସ୍ତୁତ ଲାଗି ଆବଶ୍ୟକ ଅନୁପାତରେ ଚାଉଳ ଓ ଚିନି ପକାଯାଏ। ଅତ୍ୟନ୍ତ ଶୁଦ୍ଧପୂତ ଭାବରେ ପୀଠ ପରିସରରେ ଥିବା ରୋଷଶାଳାରେ ଏହି କ୍ଷୀରି ତିଆରି ହୋଇଥାଏ। କ୍ଷୀରି ପ୍ରସ୍ତୁତ ପରେ ଏହାକୁ ମାଟି ଓଳିରେ ଭକ୍ତଙ୍କୁ ଦିଆଯାଇଥାଏ। ବର୍ତ୍ତମାନ ଏହାର ଦାମ ଦଶଟଙ୍କାରୁ ପାଞ୍ଚଶହ ଟଙ୍କା ପର୍ଯ୍ୟନ୍ତ ହୋଇଛି। ପୂର୍ବ ସମୟରୁ ରହି ଆସିଥିବା ବିଧି ବ୍ୟବସ୍ଥା ଅନୁଯାୟୀ ଚାଉଳ ପ୍ରସ୍ତୁତ କ୍ଷୀରି ହିଁ ପ୍ରସ୍ତୁତ ହୋଇଥାଏ। ଓଡ଼ିଶାର ବିଭିନ୍ନ ଦେବାଦେବୀଙ୍କ ପୀଠରେ ତିଆରି ହେଉଥିବା କ୍ଷୀର ଅପେକ୍ଷା ଏ କ୍ଷୀରିର ସ୍ୱାଦ ଓ ପ୍ରସ୍ତୁତି ସ୍ୱତନ୍ତ୍ର।

*ଗୋତରା, ମାହାଙ୍ଗା, କଟକ,*
*ମୋ : ୯୪୩୭୧୪୨୭୧୭*




# ଦେବୀ, ନୀଳାଚଳନାଥଙ୍କ ରତ୍ନ ଭଣ୍ଡାର



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ସୁନାରେ ମାଆବାପ ପିଲାକୁ ଡାକନ୍ତି। ଏଥିରେ ରକ୍ତମାଂସର ଦେହଧାରୀ କେମିତି ସୁନା କେହି ଠିକ ଭାବରେ କହିପାରିବେ କି? ଗୁଡ଼ ବୟ, ନାଇସି ଏମିତି ଶୁଣିବାକୁ ମିଳେ। ଏହା ସେ ପୁଅ ଓ ଝିଅର କୃତ୍ତି ଓ ବ୍ୟବହାରିକ ଜ୍ଞାନ ଉପରେ ଗୁରୁଜନ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ବୟାନ ଥାଏ। ଯତ୍ନ କଲେ ରତ୍ନ ମିଳେ। ରତ୍ନ ତ ମୂଲ୍ୟବାନ ପଥର ମଣି ମାଣିକ୍ୟ ତେବେ ଏହା ଅର୍ଥ ହେଲେ ଲୋକ କ୍ରୟ କରିପାରନ୍ତି ମାତ୍ର ଯତ୍ନ କଲେ ରତ୍ନ କେମିତି ମିଳେ? ହଁ ସୁନା ଖଣି ରତ୍ନ ଖଣିରେ ପରିଶ୍ରମ କରି ଖୋଳି ପାଉଥିବା ଶ୍ରମିକ ବା ଖୋଳାଉଥିବା ଖଣି ମାଲିକ ପାଇପାରନ୍ତି ମାତ୍ର ଯତ୍ନ କଲେ ରତ୍ନ ଯାହା ମିଳେ ତାହା କେଉଁପରି ଭାବରେ ସେ ରତ୍ନ ମିଳେ ତାର ସତ୍ୟ ଦିଗ ପ୍ରତ୍ୟେକ ହୃଦୟଙ୍ଗମ କରି ଖୋଜ କରିବା ଦରକାର।

ମୋର ପ୍ରଥମ ଶ୍ରେଣୀ ପାଠରୁ ଆମକୁ ତାଳଚେର କୋଇଲା ଖଣି, କୋଲାର ମହିଶୂର ରାଜ୍ୟର ସୁନା ଖଣି ମୋତେ ଏବେ ୭୬ ବର୍ଷରେ ବି ତାହା ରହିବାଜଣା ରହିଛି। କୋଇଲା ନାମ ବି କୃଷ୍ଣହୀରା, ଏ ପାଇଁ ଖଣି ଅଞ୍ଚଳକୁ ଯାଉଥିବା ଏକ ରେଲଗାଡ଼ି ନାମ ବ୍ଲାକ ଡାଏମଣ୍ଡ ଏକ୍ସପ୍ରେସ ଏବେ ବି ଚାଲୁଛି। ମାଟିତଳେ ଏମିତି ମୂଲ୍ୟବାନ ରତ୍ନ ରହିଛି। ସମୁଦ୍ରର ନାମ ରତ୍ନାକର। ପୃଥିବୀର ଅନ୍ୟ ନାମ ହିରଣ୍ୟ ଗର୍ଭା। ଅତଏବ ଏସବୁ ରତ୍ନ ଭଣ୍ଡାରରେ ଅସରନ୍ତି। ମନୁଷ୍ୟ କଳ୍ପ କଳ୍ପ ଯୁଗ ଯୁଗ ହୋଇ ଜନ୍ମ ହୋଇ ମୃତ୍ୟୁ ଲଭୁଛନ୍ତି ଏ ମଧ୍ୟରେ ଅନେକ ପ୍ରଭୁଙ୍କ ରତ୍ନ ଭଣ୍ଡାରରେ ସାମିଲ ଏସବୁ ଅସରନ୍ତି ରତ୍ନ ଏହାକୁ କଳନା କରିହେଉନାହିଁ।

ଗୁରୁ ମିଳେ ଲାଖ ଲାଖ ଶିଷ୍ୟ ନମିଳେ ଏକ ଏମିତି ଦେବତା ମନ୍ଦିର ଧାମ ତୀର୍ଥ ଅନେକ ଏହା ଦର୍ଶନାର୍ଥୀ ସର୍ବଦା ବଢୁଛନ୍ତି ହେଲେ ବସ ଚତୁଶ୍ଚକ୍ରଯାନ ଦ୍ୱିଚକ୍ର ଯାନ ନି ପାୟା ଉଡାଯାହାଜରେ ଦର୍ଶନାର୍ଥୀ ଏ ସବୁ ଯାଗାରେ ବହୁ ଭିଡ଼ ଜମାଉଛନ୍ତି। ରାଜ ପୁରୁଷ ନେତା ଭକ୍ତିବାଦ ଭୟରେ ଓ ଆଜ୍ଞାତ ପଦ ଆସନ ପାଇଁ ଦେବତା ଦର୍ଶନରେ ହାତ ଯୋଡ଼ି ମାଗିବାକୁ ଆସିବା ଏବେ ନିତ୍ୟ ଦର୍ଶନୀୟ ଘଟଣା ଖବର ବି ପଢ଼ିବାକୁ ମିଳୁଛି। ପ୍ରକୃତ ସଂସାରରେ ଗୁରୁ ଶିଷ୍ୟ ଭକ୍ତ ଭଗବାନ ପ୍ରେମୀଯୁଗଳ ଓ ପିତାମାତା ସନ୍ତାନ ରାଜା-ପ୍ରଜା ରହିବା ଧାର୍ଯ୍ୟ ଭକ୍ତ ତ ଚାରି ପ୍ରକାର ଗୀତା ବୟାନ କରିଛି। ପ୍ରଥମ ଆତୁର, ଦ୍ୱିତୀୟ ଅର୍ଥାର୍ଥୀ, ତୃତୀୟ ଜିଜ୍ଞାସୁ ଓ ଚତୁର୍ଥ ଜ୍ଞାନୀ। ଏ ସମୟରେ ଆତୁର ଅର୍ଥାର୍ଥି ଭାବ ନେଇ ଭକ୍ତ ଆସୁଛନ୍ତି। ଏମାନେ ରତ୍ନରେ ଭଗବାନଙ୍କ ଖାତାରେ ଆସନ୍ତି ନାହିଁ। ପ୍ରଚାର ଚାଲିଛି ଠାକୁର ପୂଜା କରିଦେଲେ ଦିଅଁ ଦର୍ଶନ କରିଦେଲେ ଗ୍ରହ ପୂଜା କରିଦେଲେ, ମନ୍ଦିର ପୁରୋହିତଙ୍କୁ କିଛି ଦାନ କରିଦେଲେ ଠାକୁର ଖୁସି ହୋଇଯିବେ। ଜୀବନ ପଥରେ ଆସିବା ବିଘ୍ନ ଶାନ୍ତି ହୋଇଯିବ। ଜାତକରେ କାଳସର୍ପ ଦୋଷ ଦେଖା ଯାଉଛି ତା ପାଇଁ ପୂଜା କରିଦେଲେ ଶାନ୍ତ ହୋଇଯିବ ଏମିତି ବୟାନରେ ଅନେକ ଉପାର୍ଜନକ୍ଷମ। ପ୍ରକୃତରେ ଉପଯୁକ୍ତ ଜ୍ଞାନ ଜାଗ୍ରତ ନହେଲେ ଏସବୁ ଯେ ବଦଳେ ନାହିଁ ଏକଥା କେହି କହୁନାହାଁନ୍ତି। ବିଦ୍ୟା ଏକ ଏପରି ମାର୍ଗ ଯାହା ମନୁଷ୍ୟକୁ ମୂର୍ଖାମୀ ପଥରୁ ଉଦ୍ଧାର କରି ଜ୍ଞାନ ସୂର୍ଯ୍ୟର ଆଲୋକ ଦିଏ। ଜୀବନର ଅନ୍ଧାର କଳିମା ଶେଷ କରି ଆଲୋକ ଦେଖାଇ ଉନ୍ନତି ମାର୍ଗରେ ନିଏ। ଏପରି ସମସ୍ତଙ୍କ ଜୀବନରେ ବିଘ୍ନ ବାଧା ଆସେ। ଏପରି ସାମ୍ନା ନକରିବା ପାଇଁ ମୂଳରୁ ବାଲ୍ୟତ କାଳରୁ ପିଲା ମାନଙ୍କୁ ସ୍ଥାନୀୟ ଦେବାଦେବୀ ମନ୍ଦିରରେ ପ୍ରତ୍ୟେକ ଗୁରୁଜନଙ୍କୁ ମାନ୍ୟତା ଦେବା ଶିକ୍ଷା ଦେବା କଥା, ଭୋଜନ ପାନ ବ୍ୟବହାରରେ ବେପରୁଆ କରିବାରୁ ନିବୃତ୍ତ ରଖିବା ଦରକାର। ଦେବତା ଦେବୀ ମନ୍ଦିରରେ କୌଣସି ସେବା ପିଲାକାଳରୁ ଆରମ୍ଭ କରାଇବା ଆବଶ୍ୟକ। ଯଦି ମନ୍ଦିର ଭିତର ସେବା ପାଇଁ ଜନ୍ମ ଜାତିର ବାରଣ ଧରାବନ୍ଧା ଅଛି ତେବେ ପଦାସେବା କଣ ନାହିଁ? ମନ୍ଦିରରେ ପରିବେଶ ସଫା ସୁତୁରା ରଖିବା ମନ୍ଦିରରେ ଦିଅଁଙ୍କ ଫୁଲ ତୁଳସୀ ବେଲର ପତ୍ର ସକାଳୁ ସକାଳୁ ସଂଗ୍ରହ କରି ପଦାରେ ରଖିବା ଆବଶ୍ୟକ। ଆଗତ ଦର୍ଶନାର୍ଥୀଙ୍କ ଚପଲ ଯୋତା ଯାନ ଦର୍ଶନକୁ ଭିତରକୁ ଗଲାବେଳେ ଜାଗାରଖି କରିବା ଦରକାର। ଠାକୁର ଗୁଣଗାନ କରିବା ଦରକାର। ଶିବ ମନ୍ଦିର ଦେବୀ ମନ୍ଦିରରେ ଦେବତାଙ୍କର ଦାସ ଦାସୀ ପିଲାର ବାପ ମାଆ ପିଲା କାଳରୁ କରାଇପାରିଲେ ଭବିଷ୍ୟତ ବ୍ୟକ୍ତି ରତ୍ନ ହିଁ ହୋଇଥାଏ। କେହି ୨୪ ଘଣ୍ଟା ସମୟ ଦାସ ବା ଦାସୀ କେଉଁ ମାଲିକ ମାଲିକାଣୀ ପାଖରେ ନୁହଁନ୍ତି। ନୌକରୀରେ ଦରମା ପଇସା କାହାକୁ ୨୪ ଘଣ୍ଟା ସେବା ପାଇଁ ପାଉନାହିଁ। ଏହି ଦୃଷ୍ଟିରେ ଦେବସେବା ବା ଦାସ ଦାସୀ ଏମିତି ପ୍ରଭାତ ଓ ସନ୍ଧ୍ୟା କାଳରେ ଅନ୍ନ ସଂସ୍ଥାନ କର୍ମ ପ୍ରବେଶ ପୂର୍ବରୁ ଓ ପରେ କରାଯାଇପାରେ। ଏପରି କେହି କରୁଥିଲେ ସେ ଦେବତାଙ୍କର ରତ୍ନ ସୁନା, ହୀରା। ଜଗନ୍ନାଥଙ୍କ ବଡ଼ଭାଇ ବଳରାମ ଯେ ଅନନ୍ତ ଶକ୍ତି ଏ ସଂସାର ରକ୍ଷା ପାଇଁ ଅନେକ ପର୍ଯ୍ୟାୟ ମଧ୍ୟରେ ଅନ୍ନ ଏକ ବିଶେଷ ପର୍ଯ୍ୟାୟ ଏହା କୃଷିରୁ ହିଁ ମିଳେ। ବଳରାମଙ୍କ ହାତରେ ଅଛି କୃଷିର ମୁଖ୍ୟ ଆୟୁଧ ଲଙ୍ଗଳ। ଚାଷୀ ପ୍ରକୃତରେ ମନ୍ଦିରକୁ ଯଦି ସମୟ ଅଭାବରୁ ଦିଅଁ ଦର୍ଶନକୁ ଯାଇନପାରେ ତଥାପି ସେ ପ୍ରଭୁଙ୍କର ରତ୍ନ। କୃଷିଜୀବୀଙ୍କ ପାଇଁ କୃଷିବନ୍ଦୀ ସମୟ ପ୍ରତି ମାସ ପକ୍ଷ ଋତୁ ଓ ବର୍ଷ ଅୟନରେ ଛାଡ଼ ଅଛି। ଏକାଦଶୀ ସଂକ୍ରାନ୍ତିରେ ହଳପାରୁ, ରଜବେଳେ ଚାଷ କାର୍ଯ୍ୟ ରନ୍ଧ। ପ୍ରଭୁ ରଥଯାତ୍ରା ନଅ ଦିନ ଏକ ବିଶେଷ ସମୟ ଯହିଁରେ କ୍ଷେତ୍ରରେ ଜଳ ଫଳ ଦେଉଥିବା ଭଗବାନଙ୍କର ଗୁଣଗାନ ରଥଟଣା ଆଗତ ରଥଟଣା ଦିଅଁ ଦର୍ଶନକାରୀଙ୍କ ଉଦ୍ଦେଶ୍ୟରେ ସ୍ୱ ଜମିରେ ଅମଳ ଧାନରୁ ଚୁଡ଼ା କରି ତାକୁ ଗୁଡ଼ ମିଶାଇ ଚୁଡ଼ା ଘଷା କରି ପ୍ରଭୁଙ୍କର ରଥପାର୍ଶ୍ୱ ଓ ସମ୍ମୁଖରେ ଭୋଗ ଲଗାଇ ପ୍ରସାଦ ଲୋକଙ୍କୁ ବଣ୍ଟନ କରିଲେ ପ୍ରକୃତରେ ଭଗବାନଙ୍କର ରତ୍ନର ଚିହ୍ନଟ ହୁଏ। ନଡ଼ିଆ ଏକ ଶୁଦ୍ଧ ଓ ଛୁଆଁଛୁତ ମୁକ୍ତ ଫଳ ତା ନାମ ବି ଶ୍ରୀଫଳ ଯାହା ବାଡ଼ିରେ ଏ ନଡ଼ିଆ ଫଳୁଛି ଏହି ରଥରେ ଭୋଗ ଲଗାଇ ଭକ୍ତଙ୍କୁ ନଡ଼ିଆ ପ୍ରସାଦ ଦେବା ଓ ଚୁଡ଼ା ଘଷାରେ ତାକୁ କୋରି ମିଶାଇ ଥିଲେ ଏଥିରେ ବି ସେ ବ୍ୟକ୍ତି ଏକ ରତ୍ନ ସେ ପ୍ରଭୁ ସେବା ପାଇଁ ଚୁଡ଼ା ନଡ଼ିଆ ଗୁଡ଼ ଭୋଗ ପାଇଁ ଗୃହରୁ ଚାଲି ଚାଲି ଶୁଦ୍ଧ ଭାବରେ ଶ୍ରୀକ୍ଷେତ୍ର ରଥଦାଣ୍ଡକୁ ଏକ ଶ୍ରଦ୍ଧାପଣରେ ବଣ୍ଟନ କରି ଆସିଥାନ୍ତି। ଏବେ ସୁବ ଯାନ ସୁବିଧା ଅଛି କିନ୍ତୁ ଦିଅଁଙ୍କ ପ୍ରସାଦ ଏ ଯାନରେ ଆସିଲେ କେବେ ଶୁଦ୍ଧରେ ଆସେନାହିଁ। କାଲି ପାଦ ଚଲା ଦଣ୍ଡ ଭଙ୍ଗା ଭକ୍ତ ହିଁ ପ୍ରଭୁ ଦର୍ଶନକୁ ରତ୍ନ ଅନେକ କଳାଧନରୁ କିଛି ମନ୍ଦିରକୁ ଦେଇ ଦେଲେ କେହି ବଡ଼ ଭକତ ରତ୍ନ ହୋଇ ନପାରନ୍ତି। ଭିଆଇପି ବା ଭିଆଇପି ପାସରେ ଠାକୁରଙ୍କର ଭକ୍ତ ରତ୍ନ କେବେ ହୋଇନପାରନ୍ତି।

କଠିନ ପରିଶ୍ରମ ପାଇଁ ଠାକୁର ପ୍ରବର୍ତ୍ତାଉଛନ୍ତି ଶୁଦ୍ଧ ଜୀବନ ଶୁଦ୍ଧ ଆଚାର ଶୁଦ୍ଧ ସେବା କରିବା ବ୍ୟକ୍ତି ହିଁ ରତ୍ନ। ଏସବୁ ଠାକୁରଙ୍କ ପ୍ରକାଶ୍ୟ ରତ୍ନ ଭଣ୍ଡାର ଏହାର ଚାବି ରହିଛି ବିଭିନ୍ନ ସମ୍ପ୍ରଦାୟ ସଠିକ ଗୁରୁଙ୍କ ହାତରେ ଏଥିରେ ସରକାରଙ୍କ ବା କୌଣସି ରାଜପୁରୁଷଙ୍କର କ୍ରିୟାକ୍ରମ ବା ନିୟନ୍ତ୍ରଣ ନାହିଁ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ*

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତମାନର ବିକଶିତ ବଜାରଗୁଡ଼ିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡ଼ିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି। ଏହି ଅଫରଗୁଡ଼ିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡ଼ିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପ   ବାଟ ମାରଣା କରିଥିବା ଅଭିଯୋଗ ହୋଇଛି। ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‌ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପ   ାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ। କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପ   , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‌ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା। ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‌ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ   ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା। ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ   ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ   ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ। ମାତ୍ର ସରପ   ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ। ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‌ୟାକ୍ ପରିବହନ ହୋଇଛି। ଏହି ପରିବହନ ହୋଇଥିବା ର୍‌ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ   କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବା   ନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି। ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି। ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପ   ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ   କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି। ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ   ଏହାକୁ ଅଣଦେଖା କରୁଥିବା କହିଛନ୍ତି। ସ୍ଥାନୀୟ ସରପ   ମିତା ମୁଣ୍ଡା, ପୂର୍ବତନ ସରପ   ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜଳହରି ସରପ   ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପ   ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍‌ବତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

# କ୍ରସରରେ ଚାପିହୋଇ ଜଣେ ଶ୍ରମିକ ମୃତ, ଅନ୍ୟ ଜଣେ ଗୁରୁତର

ଧର୍ମଶାଳା,(ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅ'ର୍ଗତ ରହାଡପୁରସ୍ଥିତ ଏକ କ୍ରଶର୍ ରେ କାମ କରୁଥିବା ବେଳେ ଅଘଟଣ ଘଟି ଜଣେ ଶ୍ରମିକ ଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମୃତ ଶ୍ରମିକ ଜଣକ ପଶ୍ଚିମବଙ୍ଗ ବାଙ୍କୁଡା ଜିଲ୍ଲା ଖଜୁରିଆ ଗ୍ରମର ଶ୍ୟମଚରଣ ହଂସଦା (୪୫) ଓ ଆହତ ଜଣକ ସେହି ଗ୍ରାମର ଅନିଲ ସୋରେନ (୩୨) ବୋଲି ଜଣାପଡିଛି ସୂଚନା ମୁତାବକ ରହାଡପୁର ରେ ଥିବା ଶିବଶକ୍ତି ମେଗା କ୍ରାସର ରେ ଆଜି ସକାଳୁ ଶ୍ରମିକମାନେ କାମ କରୁଥିବା ବେଳେ ଅସାବଧାନତା ବସତ କ୍ରଶର ଚକରେ ଚାପି ହୋଇ ଜଣକର ମୃତ୍ୟୁ ଘଟିଥିବା ବେଳେ ଆନ୍ୟ ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାରେ ଆହତ ଶ୍ରମିକଙ୍କୁ ସ୍ଥାନୀୟ ଶ୍ରମିକମାନେ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ଭର୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥାଳରେ ମୃତ୍ୟୁ ଘଟିଥିବା ଶ୍ରମିକର ମୃତଦେହକୁ କ୍ରଶର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଏକ ମହେନ୍ଦ୍ର ପିକଅପଭ୍ୟାନରେ ଭଡିକରି ମୃତକର ଶବ କୁ ଅନ୍ୟତ୍ର ନେଇଯାଉଥିବା ବେଳେ ଶବକୁ ଗାଏବ୍ କରିବା ଅଭିଯୋଗ କରି ସ୍ଥାନୀୟ ଲୋକେ ସମ୍ପାରୁ ଛକରେ ମୃତ ଦେହକୁ ଅଟକ ରଖି ରାସ୍ତା ରୋକ କରିଥିଲେ। ଫଳରେ ସେଠାରେ କିଛି ସମୟ ପାଇଁ ଚାପା ଉତେଜନା ପ୍ରକାଶ ପାଇଥିଲା। ଖବର ପାଇ ଘଟଣା ସ୍ଥଳରେ ଯାଜପୁର ରୋଡ ଏସଡିଓ ସୟ କୁମାର ପଟ୍ଟନାୟକ, ବଡ଼ଚଣା ଥାନା ଅଧିକାରୀ ଶରତ କୁମାର ପାତ୍ର, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ଥାନା କର୍ମଚାରୀମାନେ ସେଠାରେ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକର ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ବେଆଇନ କ୍ରଶର ଗୁଡିକୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହ ଗ୍ରାମବାସିମାନେ ଲିଖିତ ଆକାରରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ତେବେ ମୃତକର ପରିବରକୁ କ୍ଷତିପୂରଣ ପ୍ରଦାନ ସହିତ ବେଆଇନ କ୍ରଶର ଗୁଡିକ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ଅବଗତ କରାଯିବା ନେଇ ପୁଲିସ ପକ୍ଷରୁ ପ୍ରତିସୃତି ମିଳିବା ପରେ ଲୋକେ ଶବକୁ ଛାଡିବା ସହିତ ରାସ୍ତାରୋକରୁ ହଟିଥିଲେ। ଏନେଇ ଜେନାପୁର ପୁଲିସ ଏକ କେଶ ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଛେଦଲାଗି ପଠାଇବା ସହ ତଦନ୍ତ ଚଳାଇଛି।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି। ନୂତନ ଲିଜ୍ ପାଇଥିବା କାସ୍‌ଭି ଇ ରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା। ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକ   ୀ ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି। ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ।

## ୮ ସିଫ୍ଟ ଶାଗୁଆନ କାଠ ଜବତ, ଜଣେ ଗିରଫ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲାର କିରିବୁର ସେଲ କଲୋନୀରେ ଶୁକ୍ରବାର ସକାଳ ସମୟରେ ବନବିଭାଗର ଏନଫୋର୍ସମେ   ସ୍କ୍ୱାର୍ଡ ଅତର୍କିତ ଚଢାଉ କରି ୪୮ ପିସ୍ ଶାଗୁଆନ କାଠ ଜବତ କରିଛି। ଏସିଏଫ୍ ଅଜୟ କୁମାର ସାହୁଙ୍କ ତ   ୍ୱାବଧାନରେ ଚମ୍ପୁଆ ରେଞ୍ଜର ଘାସିରାମ ପାତ୍ର,ବଡବିଲ ରେଞ୍ଜର ମାନସ କୁମାର ମୁର୍ମୁ,ମୋବାଇଲ ଫରେଷ୍ଟର ଶଶୀଭୂଷଣ ବାରିକ,ବସନ୍ତ ମୁର୍ମୁଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ କିରିବୁର ସେଲ କଲୋନୀର ଗୌତମ ବାରିକଙ୍କ ଘରେ ଚଢାଉ କରିଥିଲେ। ଚଢାଉବେଳେ ୪୮ ପିସ୍ ଶାଗୁଆନ କାଠ ଜବତ କରାଯାଇଥିଲା, ଯାହାକି ୮ ସିଫ୍ଟ ହେବ ଏବଂ ଏହାର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ଜଣାପଡିଛି।



# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ରଙ୍ଗଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିପଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ଟସ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢ଼ାଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି।




# ଶ୍ରମିକ ବିରୋଧି ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଶ୍ରମିକ କର୍ମଚାରୀ ବଦ୍ଧ ପରିକର




ଭୁବନେଶ୍ୱର, ୨୭।୧୦(ପି.ଏନ): କେନ୍ଦ୍ରରେ ବି.ଜେ.ପି ସରକାର ଏବଂ ରାଜ୍ୟରେ ବି.ଜେ.ଡ଼ି ସରକାର କୃଷକ କର୍ମଚାରୀ ବିରୋଧି ହୋଇଥିବାରୁ ଆଗାମୀ ବାଲେଶ୍ୱର ଓ ତ୍ରିତୋଲ ବିଧାନସଭା ଉପନିର୍ବାଚନରେ ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀ ମମତା କୁଣ୍ଡୁ ଓ ଜଗତସିଂହପୁର ପ୍ରାର୍ଥୀ ହିମାଂଶୁ ମଲ୍ଲିକଙ୍କୁ ଜିତାଇବା ପାଇଁ ଗତ ତା. ୨୨.୧୦.୨୦୨୦ ରିଖରେ ବାଲେଶ୍ୱର ଦୁର୍ଗା ଗାର୍ଡେନ ଠାରେ ଜାତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଆଂଚଳିକ ସମ୍ମିଳନୀରେ ନିଷ୍ପତି ନିଆଯାଇଛି। ଏହି ସମ୍ମିଳନୀରେ ଏ.ଆ।ଇ.ଟି.ୟୁ.ସି., ସି.ଆଇ.ଟି.ୟୁ.,ଏଚ.ଏମ୍.ଏସ୍. ଏ.ଆଇ.ସି.ସି.ଟି.ୟୁ ପ୍ରଭୃତି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନକୁ ଶ୍ରମିକ କର୍ମଚାରୀ ବିରୋଧି ବି.ଜେ.ପି. ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରାଯାଇଛି। ଏହି ସମ୍ମିଳନୀକୁ ବିଧିବଧ ଭାବେ ଉଦ୍‌ଘାଟନ କରି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ସାଂସଦ ଡକ୍ଟର ଏ. ଚେଲ୍ଲା କୁମାର କହିଥିଲେ ଯେ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କେବଳ ଭାରତ ନୁହେଁ ସାରା ପୃଥିବୀରେ ବୃହତମ ଶ୍ରମିକ ସଂଗଠନ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତ ବର୍ଷରେ ପ୍ରଣିତ ସମସ୍ତ ଶ୍ରମ ଆଇନ ଗୁଡ଼ିକୁ ପ୍ରଣୟନ କରିବା ପାଇଁ ମୁଖ୍ୟ ଭୂମିକା ନେଇଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜନୈତିକ ଦୃଷ୍ଟି କୋଣରୁ କଂଗ୍ରେସକୁ ସମର୍ଥନ କରୁଥିଲେ ହେଁ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ସରକାରଙ୍କ କାର୍ଯ୍ୟକୁ କେବେ ପ୍ରତିବାଦ କରିବା ପାଇଁ ପଛାଇ ନାହିଁ। ଏଣୁ ଏହି ପରିପ୍ରେକ୍ଷୀରେ ଶ୍ରମିକ କର୍ମଚାରୀ ଓ ଚାଷୀ ବିରୋଧି ମୋଦୀ ଓ ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀଙ୍କୁ ବାଲେଶ୍ୱର ଓ ତ୍ରିତୋଲରୁ ହରାଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଏହି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବାଲେଶ୍ୱରର ସମସ୍ତ ଉନ୍ନୟନ କାର୍ଯ୍ୟ ଓ କଳକାରଖାନା କେବଳ କଂଗ୍ରେସ ସମୟରେ ହିଁ ହୋଇଛି। ଅନ୍ୟ କୌଣସି ଦଳର ବାଲେଶ୍ୱର ସହରର ଉନ୍ନୟନ ପାଇଁ କିଛି ଅବଦାନ ନାହିଁ ଏବଂ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ ଜଣେ ଦକ୍ଷ ନାରୀ ନେତ୍ରୀ, ତେଣୁ ତାଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ରାଜ୍ୟ ବିଧାନ ସଭା ଶ୍ରୀ ତାରା ବାହିନୀ ପତି, ବିଧାୟକ, ଶ୍ରୀ ସପ୍ତଗିରି ଉଲ୍ଲାକା, କୋରାପୁଟ ସାଂସଦ, ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ପ୍ରାକ୍ତନ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଓ ସୁଦର୍ଶନ ଦାସ ପ୍ରମୁଖ ଏହି ସଭାରେ ଉଦ୍‌ବୋଦନ ଦେଇ କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁ ଏହି ସଭାରେ ଉଦ୍‌ବୋଧନ ଦେଇ ବାଲେଶ୍ୱର ସହରର ସମସ୍ତ କାର୍ଯ୍ୟ କରିବା ସଂଗେ ସଂଗେ ବି.ଜେ.ଡ଼ି ଓ ବି.ଜେ.ପି ସରକାର ବାଲେଶ୍ୱର ଅଧିବାସୀଙ୍କ ଆଶା ଆକାକ୍ଷା ପୂର୍ଣ୍ଣ କରିବା ପାଇଁ ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ୩ ବର୍ଷ ତାଙ୍କୁ ସୁଯୋଗ ଦେବା ପାଇଁ ବିନମ୍ର ନିବେଦନ କରିଥିଲେ। ଡକ୍ଟର ଖୁଂଟିଆ, ପୂର୍ବତନ ସାଂସଦ ଏହି ସଭାରେ ପୌରାହିତ କରି ବାଲେଶ୍ୱର ଜିଲ୍ଲା ସଦର ମହକୁମା ମେଡ଼ିକାଲ କଲେଜ ଏବଂ ଇକ୍ଷକ୍ଷଗଝ ର ପ୍ରସ୍ତାବ କଂଗ୍ରେସ ସରକାର ସମୟରେ ଗୋଲାବ ନବୀ ଆଜାଦ ଘୋଷଣା କରିଥିଲେ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି। ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ। ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. eTenderCPMGSU BBS2024001, ତା.15.06.2024 ରିଖ

ROB ନଂ. 2(1x36m) ... ROB ନଂ. 30A(1x36m) ...

... 1061.01 ଲକ୍ଷ, EMD (₹): 6,80,600.00, ...

ତା.16.07.2024 ରିଖ 1100 ଘଣ୍ଟାରେ।

... www.ireps.gov.in ...

... IREPS ...

PR-34/CH/24-25

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ। ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା। ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ। ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା। ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି। ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟ୍ଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି। ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ “ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା”ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ। ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି।ଏହାର ସମାଧାନ ଆମ ନିଜ ପାଖରେ ଅଛି।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ।



ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Friday June 28, 2024 ଭୁବନେଶ୍ୱର ଶୁକ୍ରବାର, ଜୁନ ୨୮,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## କିଟ୍ ଓ କିସ୍ ଏଫ୍ଆଇଭିବି ଭଲିବଲ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସହଯୋଗୀ

### ନୂଆ ଫାଉଣ୍ଡେସନ୍ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଏଫ୍ଆଇଭିବି ସଭାପତିଙ୍କ ଘୋଷଣା

ଭୁବନେଶ୍ୱର,(ପି.ଏନ): ଅନ୍ତର୍ଜାତୀୟ ଭଲିବଲ୍ ସଂଘ (ଏଫ୍ଆଇଭିବି) ପକ୍ଷରୁ ନୂଆକରି ଗଠନ କରାଯାଇଥିବା ଏଫ୍ଆଇଭିବି ଭଲିବଲ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସହଯୋଗୀ ଭାବେ ଭାରତର ଖ୍ୟାତି ସମ୍ପନ୍ନ ଅନୁଷ୍ଠାନ କିଟ୍ ଓ କିସ୍‌ର ନାମ ଘୋଷଣା କରାଯାଇଛି। ଗତ ମେ ୩୦ ତାରିଖରେ ଏଫ୍ଆଇଭିବି ପକ୍ଷରୁ ସୁଇଜରଲାଣ୍ଡର ଜେନେଭାଠାରେ ଥିବା ଏହାର ମୁଖ୍ୟାଳୟରେ ନୂତନ କରି ଏଫ୍ଆଇଭିବି ଭଲିବଲ୍ ଫାଉଣ୍ଡେସନ୍‌ର ଶୁଭାରମ୍ଭ ଅବସରରେ ଏଫ୍ଆଇଭିବି ସଭାପତି ଡ. ଆରି ଗ୍ରାକା କିଟ୍ ଓ କିସ୍ ନାମ ଘୋଷଣା କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସମାଜସେବା କ୍ଷେତ୍ରରେ କରିଥିବା କାର୍ଯ୍ୟରେ ଅନୁପ୍ରାଣୀତ ହୋଇ ଏଫ୍ଆଇଭିବି ପକ୍ଷରୁ ଏହି ପ୍ରୟାସ ଆରମ୍ଭ ହୋଇଛି। ସମଗ୍ର ବିଶ୍ୱରେ ଭଲିବଲ ମ୍ୟାଚ୍ ଆୟୋଜନ କରି ଏଫ୍ଆଇଭିବି ସେଥିରୁ କିଛି ଅର୍ଥ ଦାନ ଆକାରରେ ଗ୍ରହଣ କରିବ। ଏହି ଦାନ ଅର୍ଥକୁ ଏଫ୍ଆଇଭିବି ବିଶ୍ୱର ବିଭିନ୍ନ ଦେଶରେ ସମାଜସେବା କ୍ଷେତ୍ରରେ ବିନିଯୋଗ କରିବା ହେଉଛି ଏଫ୍ଆଇଭିବି ଭଲିବଲ୍ ଫାଉଣ୍ଡେସନ୍‌ର ମୁଖ୍ୟ ଲକ୍ଷ୍ୟ। ଏଫ୍ଆଇଭିବି ଭଲିବଲ୍ ଫାଉଣ୍ଡେସନ୍ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିର ସଭାପତି ଥୋମାସ ବାକ୍‌ଙ୍କ ସମେତ ସମଗ୍ର ବିଶ୍ୱରୁ ୨ଶହରୁ ଉର୍ଦ୍ଧ୍ୱ ଦେଶରେ ଥିବା ଭଲିବଲ୍ ସଂଘର ପ୍ରତିନିଧି ଓ ଅନ୍ୟାନ୍ୟ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।ମେ ୩୦ ତାରିଖରେ ଏ ନେଇ ଏଫ୍ଆଇଭିବି ଓ କିଟ୍ ଓ କିସ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ଥିଲେ ମଧ୍ୟ ନିର୍ବାଚନ ଯୋଗୁଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉପସ୍ଥିତ ରହି ନ ପାରିବାରୁ ଏହି ବୁଝାମଣା ପରେ ସ୍ୱାକ୍ଷରିତ ହେବ। ସୂଚନାଯୋଗ୍ୟ, କ୍ରୀଡ଼ା କ୍ଷେତ୍ରରେ କିଟ୍ ଓ କିସ୍‌ର ଅବଦାନ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବିଶ୍ୱରେ ଯେତେସବୁ କ୍ରୀଡ଼ା ସଂଘ ରହିଛି ସମସ୍ତେ କ୍ରୀଡ଼ା ପ୍ରତି କିଟ୍ ଓ କିସ୍‌ର ଥିବା ଅବଦାନକୁ ପ୍ରଶଂସା କରିଆସିଛନ୍ତି। ସଂପ୍ରତି ଏଫ୍ଆଇଭିବି କିଟ୍ ଓ କିସ୍‌କୁ ଏଫ୍ଆଇଭିବି ଭଲିବଲ୍ ଫାଉଣ୍ଡେସନ୍‌ର ଏକମାତ୍ର ସହଯୋଗୀ ଶିକ୍ଷାନୁଷ୍ଠାନ ଭାବେ ଗ୍ରହଣ କରିଛି। ଫାଉଣ୍ଡେସନ୍ ଶୁଭାରମ୍ଭ ଅବସରରେ ଏଫ୍ଆଇଭିବି ସହ କିଟ୍ ଓ କିସ୍‌ର ଲୋଗୋ ରଖି କିଟ୍ ଓ କିସ୍‌କୁ ଏହାର ସହଯୋଗୀ ଅନୁଷ୍ଠାନ ଘୋଷଣା କରାଯାଇଥିଲା। ଏହା ସହ କିଟ୍ ଓ କିସ୍‌କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହି ସଫଳତାରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏଫ୍ଆଇଭିବି, ଏହାର ସଭାପତି ଡ. ଆରି ଗ୍ରାକ. ମହାନିର୍ଦ୍ଦେଶକ ଫାବିଓ ଆଜେଭେଦୋଙ୍କୁ ନିଜର କୃତଜ୍ଞତା ଜଣାଇଛନ୍ତି। ଶ୍ରୀ ସାମନ୍ତ କହିଛନ୍ତି "ମୋ ସମାଜସେବା କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଏଫ୍ଆଇଭିବି ବିଭିନ୍ନ ଦେଶରେ ଭଲିବଲ୍ ଆୟୋଜନ ସହ ସମାଜସେବା କରିବା ନେଇ ନିଷ୍ପତ୍ତି ନେଇଥିବାରୁ ମୁଁ ଏଫ୍ଆଇଭିବିକୁ ସାଧୁବାଦ ଜଣାଉଛି। ନିର୍ବାଚନ ଯୋଗୁଁ ମୁଁ ଜେନେଭାରେ ଉପସ୍ଥିତ ରହିପାରି ନ ଥିଲେ ମଧ୍ୟ ଏଫ୍ଆଇଭିବି କିଟ୍ ଓ କିସ୍ ଅନୁଷ୍ଠାନକୁ ଯଥେଷ୍ଟ ସମ୍ମାନୀତ କରିଛନ୍ତି।" ସମଗ୍ର ବିଶ୍ୱରୁ କିଟ୍ ଓ କିସ୍‌କୁ ଏକମାତ୍ର ସହଯୋଗୀ ଅନୁଷ୍ଠାନ ଭାବେ ଏଫ୍ଆଇଭିବି ଭଲିବଲ୍ ଫାଉଣ୍ଡେସନ୍ ଗ୍ରହଣ କରିଥିବାରୁ ଏହା ଓଡ଼ିଶା ଓ ସମଗ୍ର ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଶ୍ରୀ ସାମନ୍ତ କହିଛନ୍ତି।

## କଙ୍କଡ଼ାଗୁଡ଼ା ଶବର ସମାଜର ସମ୍ମିଳନୀ

ପାରଳାଖେମୁଣ୍ଡି, (ପି.ଏନ): ଗଜପତି ଜିଲ୍ଲାର ନୂଆଗଡ଼ ବ୍ଲକ ପୁଟୁରୁପଡ଼ା ପଞ୍ଚାୟତ ତୁମନ ଗ୍ରାମରେ କଙ୍କଡାଗୁଡ଼ା କେନ୍ଦ୍ର କାର୍ଯ୍ୟାଳୟ ପକ୍ଷରୁ ଅଷ୍ଟମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶବର ସମାଜ କଲ୍ୟାଣ ସମିତି କେନ୍ଦ୍ର ସଭାପତି ମାଧବ ମଣ୍ଡଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝାମ୍ପୁରା ରଇତ ମୁଖ୍ୟ ଅତିଥି, ଲିଙ୍ଗରାଜ କାର୍ଜି ମୁଖ୍ୟବକ୍ତା, ସର୍ବୋଚ୍ଚ ସଭାପତି ଦଳପତି ମଣ୍ଡଳ, ସମ୍ପାଦକ କୃଷ୍ଣଚନ୍ଦ୍ର ଗମାଙ୍ଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶବର ସମାଜ ପାଇଁ ହିନ୍ଦୁ ସଂସ୍କୃତି ଓ ପରମ୍ପରା ବଞ୍ଚି ରହିଛି ବୋଲି ଅତିଥିଗଣ ମତପ୍ରକାଶ କରିଥିଲେ । କଙ୍କଡାଗୁଡ଼ା କେନ୍ଦ୍ର ଅଧୀନସ୍ଥ ୧୬ଖଣ୍ଡ ଗ୍ରାମରୁ ୩ଶହରୁ ଉର୍ଦ୍ଧ ଉପସ୍ଥିତ ଥିଲେ । ସେମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ହରିଦ୍ୱାରରେ ଶ୍ରୀଜଗନ୍ନାଥ ପାଞ୍ଚ ରାତ୍ର କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର,(ପି.ଏନ): ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର ପ୍ରଚାର ସମିତି ପକ୍ଷରୁ ହରିଦ୍ୱାରରେ ମହାପ୍ରଭୁ ଙ୍କ ପ୍ରଚାର ଓ ପ୍ରସାର ନିମନ୍ତେ ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି, ଓଡିଶାରୁ ପ୍ରାୟ ୧୦୫ ଜଣ ମହାପ୍ରଭୁ ଙ୍କୁ ଭଲ ପାଉଥିବା ଭକ୍ତ ଆଜି ହରିଦ୍ୱାର ଠାରେ ପହଂଚି ସକାଳୁ କଳସ ପୂଜା ଗଙ୍ଗା କୁଳରେ କରାଯାଇ ସଭା ସ୍ଥଳ ରେ ମହାପ୍ରଭୁ ଙ୍କ ଚତୁର୍ଦ୍ଧା ମୂର୍ତ୍ତି ସ୍ଥାପନ କରାଯାଇଛି, ପରେ ପରେ ପରାୟଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ,ଏହି ପୂଜାରେ ଶ୍ରୀ ତ୍ରିଲୋଚନ ନାୟକ ଓ ପତ୍ନୀ ସାଗରୀକା ନାୟକ କର୍ତା କର୍ତ୍ତୀ ହୋଇ ପୂଜା ରେ ସହଯୋଗ କରିଥିଲେ ମହନ୍ତ ରାମକୃଷ୍ଣ ଦାସ ମହାରାଜ, ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ, ସମ୍ପାଦକ ପ୍ରଭାକର ମଲ୍ଲିକ ଉପସଭାପତି ବୈକୁଣ୍ଠ ନାଥ ମହାପାତ୍ର ଯୁଗ୍ମ ସମ୍ପାଦକ ନିରଞ୍ଜନ ଦାଶ ସଂଗଠନ ସମ୍ପାଦକ ନାରାୟଣ ମହାପାତ୍ର ଓ ଅନ୍ୟମାନେ ହରିଦ୍ୱାର ରେ




ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇ ଥିଲେ ପୂର୍ବରୁ ଏହି କାର୍ଯ୍ୟକ୍ରମ ଦେଶ ଓ ବିଦେଶ ରେ ସଫଳତାର ସହ ଅନୁଷ୍ଠିତ ହୋଇ ଯାଇ ଅଛି, ଆଗାମୀ ଦିନରେ ଏହାକୁ ବ୍ୟାପକ ଭାବେ କରାଯିବାକୁ ସମସ୍ତ ପ୍ରକାର ପଦକ୍ଷେପ ନିଆ ଯାଉଛି, ମହାପ୍ରଭୁଙ୍କ ପୁରାଣ ସ୍କନ୍ଦ ପୁରାଣ ର ପ୍ରଚାର ପ୍ରସାର କରିବା ନିମନ୍ତେ ପାଞ୍ଚରାତ୍ର ପ୍ରଚାର ସମିତି ସର୍ବଦା ଚେଷ୍ଟା କରି ଆସୁଅଛି।

## ମଙ୍ଗଳା ମହାବିଦ୍ୟାଳୟ ଅଧକ୍ଷଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା

କାକଟପୁର,(ପି.ଏନ): କାକଟପୁର ମଙ୍ଗଳା ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ଅଶୋକ କୁମାର ତ୍ରିପାଠୀ ଙ୍କର ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ମହାବିଦ୍ୟାଳୟ ପରିସର ରେ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା କମିଟି ସଭାପତି ସୁଧୀର ଚନ୍ଦ୍ର ଭୂୟାଁ, ଅଧ୍ୟାପକ ଲଲାଟେନ୍ଦୁ ସ୍ୱାଇଁ, ନୃସିଂହ ଚରଣ ବିଶ୍ୱାଳ, ଜଗନ୍ନାଥ ଦୀକ୍ଷିତ,ସୁବ୍ରତ କୁମାର ନାୟକ, ନିରଞ୍ଜନ ବାରିକ, ପ୍ରଶନ୍ନ ମୁଦୁଲି, ବିଜୟ ମିଶ୍ର, ବସନ୍ତ ଖୁଣ୍ଟିଆ, ଗୋପୀନାଥ ଦାସ ଜିତୁ ଦୀକ୍ଷିତ, ରଙ୍ଗଲାଲ ସ୍ୱାଇଁ ଓ ଅଧ୍ୟାପିକା, କର୍ମଚାରୀ, ଛାତ୍ର ଛାତ୍ରୀ ମାନେ ପୁଷ୍ପ ଗୁଚ୍ଛ, ଉପଢ଼ୌକନ ଦେଇ ସମ୍ବର୍ଦ୍ଧନା ଦେଇଥିଲେ । ଡ଼ଃ ତ୍ରିପାଠୀ ନୂତନ ଭାରପ୍ରାପ୍ତ ଅଧକ୍ଷ ପ୍ରଧାପକ ଡ଼ଃ ବିନୋଦ ବିହାରୀ ବେହୁରାଙ୍କୁ ପରିଚାଳନା କମିଟି ସଭାପତି ଶ୍ରୀ ଭୂୟାଁ ଙ୍କ ଉପସ୍ଥିତି ରେ ଦାୟିତ୍ୱ ହସ୍ତାନ୍ତର କରିଥିଲେ ।

## ମୋଟର ବାଇକ୍ ଦୁର୍ଘଟଣା; ୪ ଗୁରୁତର

ପାରଳାଖେମୁଣ୍ଡି,(ପି.ଏନ): ବାଇକ୍ ଦୁର୍ଘଟଣାରେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଗଜପତି ଜିଲ୍ଲା ମୋହନା ତାରିଣୀ ମନ୍ଦିର ନିକଟରେ ଘଟଣା ଘଟିଛି । ଗୁରୁତର ଆହତ ହେଲେ ସ୍ଥାନା କୁଇହୁରୁ ଗାଁର ମୀନକେତନ ମଳିକ, ଶୁକଦେବ ମଳିକ, ସଞ୍ଜୟ ମଳିକ ଓ ମୋହନାର ସୁବାସିନୀ ସାହୁ । ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ମୋହନା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଏକ ବାଇକ୍‌ରେ ମୀନକେତନ, ଶୁକଦେବ ଓ ସଞ୍ଜୟ କୁଇହୁରୁ ଗାଁରୁ ମୋହନା ଆସୁଥିବା ବେଳେ ରାସ୍ତା କଡ଼ରେ ଥିବା ସୁବାସିନୀଙ୍କୁ ଧକ୍କା ଦେଇଥିଲେ । ଏଥିରେ ୪



ଜଣ ରାସ୍ତାରେ ଉପରେ ପଡ଼ି ଗୁରୁତର ଆହତ ହୋଇଛନ୍ତି । ମୋହନା ଡାକ୍ତାରଖାନାରେ ପ୍ରାଥମିକ ଚିକିତ୍ସା ପରେ ମୀନକେତ ସୁବାସିନୀଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ଡାକ୍ତର ରାମକୃଷ୍ଣ ପାତ୍ର କହିଛନ୍ତି ଓ ମୋହନା ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରି ତଦନ୍ତ କରୁଛି।

## ପାରଳାରେ ଅଗ୍ନିବର୍ଷା ଯୋଗୁଁ ଅସହ୍ୟ ତାତି, ଦୈନିକ ୮ ଘଣ୍ଟାରୁ ଉର୍ଦ୍ଧ ସମୟ

ପାରଳାଖେମୁଣ୍ଡି,(ପି.ଏନ): ପାରଳାଖେମୁଣ୍ଡି ସହରରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ଯୋଗୁଁ ଅଗ୍ନିବର୍ଷା ହେବା ଭଳି ଉତ୍ତାପ ରହିଛି. ତାପମାତ୍ରା ପ୍ରତିଦିନ ବୃଦ୍ଧି ପାଉଛି। ଦୈନିକ ୮ ଘଣ୍ଟାରୁ ଉର୍ଦ୍ଧ ବିଦୁତ କାଟ ଯୋଗୁଁ ସାଧାରଣ ଅତିଷ୍ଠ ହୋଇପଡିଲେଣି. ତୁରନ୍ତ ବିଭାଗୀୟ କର୍ମକର୍ତ୍ତା ପ୍ରତିକାର ନ କଲେ ଏହା ବିରୋଧରେ ଆନ୍ଦୋଳନ କରାଯିବ ବୋଲି ବୁଦ୍ଧିଜୀବୀମାନେ ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡାଙ୍କୁ ସୂଚନା ଦେଇ କହିଛନ୍ତି ଯେ, ପାରଳାରେ ପାରଦ ୪୨ଡିଗ୍ରୀରୁ ଉର୍ଦ୍ଧରେ ରହୁଥିବା ବେଳେ ଗୁଳୁଗୁଳି ଅନୁଭୂତ ହେଉଛି। ଏପରିକି ରାତିରେ ମଧ୍ଯ ଉତ୍ତାପ କାମୁନାହିଁ। ଲୋକେ ତାତିରୁ ତ୍ରାହି ପାଇବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରୁଥିଲେ ମଧ୍ୟ ଦିନ ରାତି ସବୁ ସମୟରେ ଘନ ଘନ ବିଦ୍ୟୁତକାଟ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ବିଦ୍ୟୁତ କର୍ମଚାରୀଙ୍କ ଅବହେଳା ଯୋଗୁଁ ବର୍ଷତମାମ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାରେ ବ୍ୟାପକ ତ୍ରୁଟି ପରିଲିକ୍ଷିତ ହେଉଛି। ବର୍ଷତମାମ ରକ୍ଷଣା ବେକ୍ଷଣ ନାମରେ ବିଦ୍ୟୁତ କାଟ କରାଯାଉଛି। ହେଲେ ସଠିକ୍ ବିଦ୍ୟୁତ ସେବା ଲୋକଙ୍କୁ ମିଳୁ ମିଳୁନି । ପାରଳା ସହରରେ ବିଜୁଳି ସମସ୍ୟା ଏବେ ଏକ ମୁଖ୍ୟ ସମସ୍ୟା ହୋଇଛି। ଏଥି ପ୍ରତି ବିଭାଗୀୟ ଦୃଷ୍ଟି ନ ଦେଇ ଖାମଖିଆଲି ଢଙ୍ଗରେ ପରିଚାଳନା କରୁଥିବା ଆଲୋଚନା ହେଉଛି। ଗ୍ରୀଷ୍ମ ଦିନରେ ଯେପରି ବିଦ୍ୟୁତ ବିଭ୍ରାଟ ନ ହୁଏ ସେଥିପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କୁହାଯାଇଥିଲା. ଗ୍ରୀଷ୍ମର ଆଗମନ ପୂର୍ବରୁ ରକ୍ଷଣାବେକ୍ଷଣ ନାମରେ ଦୀର୍ଘ ଘଣ୍ଟା ଧରି ବିଦ୍ୟୁତ କାଟ ହୋଇଥିଲା। ହେଲେ ପ୍ରକୃତ ପକ୍ଷେ ଗ୍ରୀଷ୍ମର ଆଗମନ ପରେ ଯେଉଁ କଥାକୁ ସେହି କଥା । ଦିନ ରାତି ମନଇଛା ବିଦ୍ୟୁତ କାଟ୍ ଲାଗି ରହୁଥିବା ଅଭିଯୋଗ ହେଉଛି। ୨୪ ଘଣ୍ଟା ମଧ୍ୟରେ ହାରାହାରି ୮ ଘଣ୍ଟାରୁ ଅଧିକ ସମୟ ଧରି ବିଦ୍ୟୁତ କାଟ ହେଉଛି। ଆଉ ଯେଉଁ ସମୟରେ ବିଦ୍ୟୁତ ଯୋଗାଣ ହେଉଛି ସେତେବେଳେ ଲୋଭୋଲଟେଜ ସମସ୍ୟା ଦେଖାଦେଉଛି। ଏଥିଯୋଗୁଁ ଏସି, କୁଲର ଦୂରର କଥା ପଙ୍ଖା ମଧ୍ୟ ବୁଲୁନି। ଅନ୍ୟପକ୍ଷରେ ଘଣ୍ଟା ଘଣ୍ଟା ବିଦ୍ୟୁତ କାଟ ଯୋଗୁଁ ଇନଭେଟର ଚାର୍ଜ ମଧ୍ଯ ରହୁନାହି । ବିଦ୍ୟୁତ ବିଭାଗର ଏପରି ଅବ୍ୟବସ୍ଥାକୁ ନେଇ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏସମ୍ପର୍କରେ ଲୋକେ ଆନ୍‌ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏନେଇ ଆମ ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡା ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ବେହେରାଙ୍କୁ ପଚାରିବାରେ ସେ ଜଣାଇଛନ୍ତି ଯେ ପାରଳା ସହରର ଆବଶକ୍ୟତା ଠାରୁ ଅଧିକ ବିଦ୍ୟୁତ ଖର୍ଚ୍ଚ ହେବା ଯୋଗୁଁ ବିଦ୍ୟୁତ ଲାଇନର ବାରମ୍ବାର ବାରମ୍ବାର ଟ୍ରିପ ହେଉଥିଲା. ଏନେଇ ଆମେ ଅନୁଧ୍ୟାନ କରିବା ସହ ଓପଟିସିଏଲ ସହ ଆଲୋଚନା କରି ବର୍ତ୍ତମାନ ଆବଶକ୍ୟ ଲୋଡ଼ ବଢା ଯାଇଛି। ତେଣୁ ଆଗଭଳି ବିଦ୍ୟୁତ ଟ୍ରିପ ହେବନାହିଁ ବୋଲି ଆଶା କରୁଛି।

## ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ପାରାଦୀପ,(ପି.ଏନ): ପରିବେଶ ସୁରକ୍ଷିତ ରଖିବା ପାଇଁ ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସ ପାଳିତ ହୋଇ ଆସୁଅଛି। ଏହି କ୍ରମରେ ପାରାଦୀପସ୍ଥିତ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ କାର୍ଯ୍ୟାଳୟ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଚଳିତ ବର୍ଷ ମୃତ୍ତିକା ସଂରକ୍ଷଣ, ମରୁଭୂମି ଓ ମରୁଡି ସ୍ଥିରତା ବିଷୟକୁ ନେଇ ସାରା ଦେଶରେ ପରିବେଶ ଦିବସ ପାଳନ କରାଯାଉଛି। ଏହି ଅବସରରେ ମଧୁବନସ୍ଥିତ କାର୍ଯ୍ୟାଳୟ ବରିଷ୍ଠ ଅଧିକାରୀ ଧନଜଂୟ କୁମାର ସିହ୍ନା, ନିର୍ମଳେନ୍ଦୁ ପୁରୋହିତ ବୃକ୍ଷରୋପଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ଏହା ପରେ ଅନ୍ୟ ଆବଶ୍ୟକତା ରହିଛି। ସ୍ୱଚ୍ଛ ଜଳ ଓ ବୃକ୍ଷର ଆବଶ୍ୟକତା ରହିଛି ସେଥି ପାଇଁ ସମସ୍ତେ ନିଜ ନିଜ ଘରେ କିମ୍ବା ଉପଯୁକ୍ତ ସ୍ଥାନରେ ବୃକ୍ଷରୋପଣ କରିବା ପାଇଁ ବରିଷ୍ଠ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ।




ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray